୨୭ତମ ପ୍ରତିଷ୍ଠା ଦିବସ ଅଭିନନ୍ଦନ

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

PARYABEKHYAK पर्यवेक्षक

Vol.27. No.87 Bhubaneswar Tuesday May 13 2025 | ୨୭ତମ ବର୍ଷ ସଂଖ୍ୟା-୮୭ ଭୁବନେଶ୍ୱର, ମଙ୍ଗଳବାର, ମଇ ୧୩, ୨୦୨୫ | (୮ ପୃଷ୍ଠା) | ମୂଲ୍ୟ-୧.୫୦ ₹ 1.50 | (Air Surcharge - 0.50P) | Member-INS

## ଯାଜପୁରରେ ପୋଲିସକୁ ଲୁଟେରାଙ୍କ ଖୋଲା ଚ୍ୟାଲେଞ୍ଜ

ଭୁବନେଶ୍ୱର,୧୨।୫(ପି.ଏନ): ଯାଜପୁରରେପୋଲିସ ପ୍ରଶାସନକୁ ଲୁଟେରାଙ୍କ ଖୋଲା ଚ୍ୟାଲେଞ୍ଜ । ଏକାଧିକ ଅଞ୍ଚଳରେ ବୁଲାଉଛନ୍ତି କଳାକନା । ବନ୍ଧୁକ ମୁନରେ ଲୁଟି ନେଉଛନ୍ତି ଲକ୍ଷାଧିକ ଟଙ୍କାର ସୁନା ଗହଣା । ହେଲେ ପୋଲିସ ଲୁଟେରାଙ୍କ ନା ଟେର ପାଉଛି ନା ମାଷ୍ଟରମାଇଣ୍ଡକୁ ଧରିପାରୁଛି । ଏମିତି ସ୍ଥିତିରେ ପୋଲିସର କାର୍ଯ୍ୟଦକ୍ଷତାକୁ ନେଇ ପ୍ରଶ୍ନବାଚ୍ୀ ସୃଷ୍ଟି ହୋଇଛି ।ଯାଜପୁରରେ ମାତିଛନ୍ତି ଲୁଟେରା । ଘର ବନ୍ଦ କରି ବୁଲିବାକୁ ଯାଉଥିଲେ ସାବଧାନ । କୌଣସି ସମୟରେ ଘରେ କଳାକନା ବୁଲାଇ ପାରନ୍ତି ଲୁଟେରା । ଘରେ ଥିଲେ ବି ସୁରକ୍ଷିତ ନୁହେଁ ଧନ ସମ୍ପତ୍ତି । ପୋଲିସ ପ୍ରଶାସନକୁ ଖୋଲା ଚ୍ୟାଲେଞ୍ଜ କରି ଜିଲ୍ଲାର ଏକାଧିକ ଅଞ୍ଚଳରେ ବୁଲାଉଛନ୍ତି କଳାକନା । ବନ୍ଧୁକ ମୁନରେ ଲୁଟି ନେଉଛନ୍ତି ଲକ୍ଷାଧିକ ଟଙ୍କାର ସୁନା ଗହଣା । ଏପରିକି କିଛି



ଦିନ ତଳେ ବାଲିଚ୍ନ୍ଦ୍ରପୁର ଥାନା ଅଞ୍ଚଳରେ ଲୁଟେରାଙ୍କ ଆକ୍ରମଣରେ ଯାଇଛି ଜଣଙ୍କ ଜୀବନ । ଦଶରଥପୁର ଓ ବିଞ୍ଝାରପୁର ଅଞ୍ଚଳରେ ଲୋକଙ୍କ ନିଦ ହଜାଇ ଦେଲେଣି ଦୁର୍ବୃତ୍ତ । ଗତ ୪ ତାରିଖ ଦିନ ୭ ଜଣ ଲୁଟେରାଙ୍କୁ ଗିରଫ କରିଥିଲେ ବି ଏ ପର୍ଯ୍ୟନ୍ତ ମାଷ୍ଟରମାଇଣ୍ଡ ପାଖରେ ପହଞ୍ଚି ପାରିନି ପୋଲିସ ।ଗତ ଦୁଇ ମାସ ମଧ୍ୟରେ ମଙ୍ଗଳପୁର ଥାନା ଅଧୀନ ବୋତଲଡଙ୍ଗା ଗାଁର ଗୋଟିଏ ଘରୁ ଦୁଇ ଥର ଲୁଟ ହୋଇଛି । ଅଲୁକୁଣ୍ଡ ଥାନା ଅଧୀନ ଚ଼ିକଣା ଗାଁର ଦୁଇ ତିନୋଟି ସ୍ଥାନରେ ଲୁଟ କରି ଫେରାର ହେଲେ ଲୁଟେରା । ବିଞ୍ଝାରପୁର ଥାନା ଅଧୀନ ସୟଦପୁରଠାରେ ଥିବା ମନ୍ଦିର, କୋରିଅର କମ୍ପାନୀ ସମେତ ଏକାଧିକ ସ୍ଥାନରୁ ଲୁଟ ଘଟଣା ସାମ୍ନାକୁ ଆସିଛି । ଅଥଚ଼ ସ୍ଥାନୀୟ ପୋଲିସ ପ୍ରଶାସନ ପକ୍ଷରୁ କୌଣସି ଆଖିଦୃଶିଆ ପଦକ୍ଷେପ ନିଆଯାଉ ନଥିବା ଅଭିଯୋଗ ହୋଇଛି । ବିଶେଷ କରି ପୋଲିସ ରାତିରେ ପାଟ୍ରୋଲିଂ କରୁ ନଥିବାରୁ ଏଭଳି ସ୍ଥିତି ଉପୁଜି ଥିବା ଅଭିଯୋଗ ହେଉଛି । ଜିଲ୍ଲାର ମୁଖ୍ୟବଜାର ସ୍ଥଳୀଗୁଡ଼ିକରେ ସିସିଟିଭି ଲଗାଗଲେ ଲୁଟେରାଙ୍କୁ ସହଜରେ ଠାବ କରାଯାଇପାରନ୍ତା ବୋଲି ସ୍ଥାନୀୟ ଲୋକେ କହିଛନ୍ତି ।

## ଗ୍ୟାସ ସିଲିଣ୍ଡର ଫାଟି ଉଡିଗଲା ଦୋକାନ ଘର

ଭୁବନେଶ୍ୱର,୧୨।୫(ପି.ଏନ): ବାଲେଶ୍ୱର ବଳରାମଗଡ଼ି ଥାନା ନାଉପାଳଗଡିରେ ଭୟଙ୍କର ଅଗ୍ନିକାଣ୍ଡ । ଗ୍ୟାସ ସିଲିଣ୍ଡର ଫାଟି ଉଡିଗଲା ଦୋକାନ ଘର । ୯ରୁ ଅଧିକ ସିଲିଣ୍ଡର ବ୍ଲାଷ୍ଟ ହୋଇଥିବା ସୂଚ଼ନା ମିଳିଛି। ବିସ୍ଫୋରୋଣରେ ଉଡ଼ିଥିବା ଦୋକାନଟି ବାଲେଶ୍ୱର ଥାନାର ପୂର୍ବତନ ହୋମଗାର୍ଡ ଏସକେ ହାଫିଜଙ୍କର ବୋଲି ଜଣାପଡିଛି। ବେଆଇନ୍ ଭାବରେ ଦୋକାନ ଘରେ ରଖାଯାଇଥିଲା ୬୦ରୁ ଅଧିକ ସିଲିଣ୍ଡର । ଆଜି ସକାଳେ ହଠାତ ନିଆଁ ଲାଗି ବିସ୍ଫୋରଣ ହୋଇଛି। ଘଟଣାସ୍ଥଳରେ ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରୁଛି ।



## ଆଜିଠୁ ୪ ଦିନିଆ ଓଡିଶା ଗସ୍ତରେ ଆସୁଛନ୍ତି ଆରଏସଏସ୍ ମୁଖ୍ୟ ମୋହନ ଭାଗବତ

ଭୁବନେଶ୍ୱର,୧୨।୫(ପି.ଏନ): ଆଜିଠାରୁ ୪ ଦିନିଆ ଓଡିଶା ଗସ୍ତରେ ଆସୁଛନ୍ତି ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ସରସଂଘଚ଼ାଳକ ମୋହନ ଭାଗବତ । କଟକର ଗତିରାଉତପାଟଣା ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଆୟୋଜିତ କାର୍ଯ୍ୟକ୍ରମରେ ଯୋଗଦେବାକୁ ଆସୁଛନ୍ତି ମୋହନ ଭାଗବତ । ଏନେଇ ଆଜି ସନ୍ଧ୍ୟା ୬ଟାରେ ଭୁବନେଶ୍ୱର ବିମାନ ବନ୍ଦରରେ ସେ ପହଞ୍ଚିବେ ।ଏହାପରେ ସେ ଗତିରାଉତପାଟଣା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରକୁ ଯାଇ ସେଠାରେ ଆୟୋଜିତ କାର୍ଯ୍ୟକ୍ରମକୁ ଉଦଘାଟନ କରିବେ । ସେଠାରେ ୧୨ରୁ ୧୬ ତାରିଖ ପର୍ଯ୍ୟନ୍ତ ଚ଼ାଲିବାକୁ ଥିବା କାର୍ଯ୍ୟକ୍ରମରେ ସରସଂଘଚ଼ାଳକ ମୋହନ ଭାଗବତ ଭିନ୍ନ ଭିନ୍ନ ଅଧିବେଶନରେ ଅତିଥି ଭାବେ ଯୋଗ ଦେବେ ।ତେବେ ଆରଏସଏସ ମୁଖ୍ୟଙ୍କ ଗସ୍ତକୁ ନଜରରେ ରଖି କଟକ ଗତିରାଉତପାଟଣାରେ ସୁରକ୍ଷା ବ୍ୟବସ୍ଥା କଡାକଡି କରାଯାଇଛି । ଗତିରାଉତପାଟଣା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର କାର୍ଯ୍ୟକ୍ରମ ଶେଷ ହେବା ପରେ ୧୬ ତାରିଖରେ ସେ ନୂଆଦିଲ୍ଲୀ ଫେରିଯିବା ନେଇ ସୂଚ଼ନା ରହିଛି ।

## ଆହୁରି କଲବଲ କରିବ ତାତି

ଭୁବନେଶ୍ୱର,୧୨।୫(ପି.ଏନ): ୧୯ ଯାଏଁ କଲବଲ କରିବ ତାତି । ଆଜିଠାରୁ ଅତ୍ୟଧିକ ଖରା ଗରମ ଗୁଳୁଗୁଳିରେ ହନ୍ତସନ୍ତ ହେବେ ଲୋକେ । ରାଜ୍ୟରୁ କାଳବୈଶାଖୀର ପ୍ରଭାବ ହଟିବା ପରେ ଉପରମୁହାଁ ହୋଇଛି ପାରଦ। ଫଳରେ ଆଜିଠାରୁ ଉପକୂଳ ଓଡିଶା ଓ ଆଭ୍ୟନ୍ତରୀଣ ଓଡ଼ିଶାରେ ଅସହ୍ୟ ଗରମ ସାଙ୍ଗକୁ ଗୁଳୁଗୁଳି ଅନୁଭୂତ ହେବା ନେଇ ପୂର୍ବାନୁମାନ କରିଛି ପାଣିପାଗ କେନ୍ଦ୍ର କ୍ଷ ୧୯ ତାରିଖ ପରେ ବଦଳିବ ପାଗ । ଆଭ୍ୟନ୍ତରୀଣ ଓଡ଼ିଶାରେ ତାପମାତ୍ରା ୪୨ ଡିଗ୍ରୀ ପର୍ଯ୍ୟନ୍ତ ଛୁଇଁବା ସମ୍ଭାବନା ରହିଛି କ୍ଷ ସୁନ୍ଦରଗଡ଼, ଝାରସୁଗୁଡ଼ା, ସମ୍ବଲପୁର, ବରଗଡ଼, ବଲାଙ୍ଗୀର, ସୋନପୁର, ବୌଦ୍ଧ,କଳାହାଣ୍ଡି ଓ ଅନୁଗୁଳ ଜିଲା ମାନଙ୍କରେ ୪୨ ଡିଗ୍ରୀ ଉପରକୁ ଯାଇପାରେ ତାପମାତ୍ରା କ୍ଷ ସେପଟେ ଉପକୂଳରେ ମଧ୍ୟ ୪୦ ଡିଗ୍ରୀ ଅତିକ୍ରମ କରିପାରେ ପାରଦ ।

### ବେଆଇନ ଭାବେ ପାଉଁଶ ପକାଉଥିବା ୨୩ଟି ଟ୍ରକ ଜବତ

ଭୁବନେଶ୍ୱର,୧୨।୫(ପି.ଏନ): ସମ୍ବଲପୁରରେ ବେଆଇନ ଭାବେ ପାଉଁଶ ପକାଉଥିବା ୨୩ଟି ଟ୍ରକ ଜବତ। ଟ୍ରକ ଗୁଡିକୁ ଜବତ କରିଛି ସମ୍ବଲପୁର ପୋଲିସ। ଶହ ଶହ ଟନ ପାଉଁଶ ପକାଉଥିବା ଅଭିଯୋଗ ହୋଇଆସୁଥିଲା। ଠେଲକୋଲି ଥାନା ଅଞ୍ଚଳରେ ବ୍ୟାପକ ପରିମାଣରେ ପକାଉଥିଲେ ବେଆଇନ ପାଉଁଶ। ଅଭିଯୋଗ ପରେ ଆକ୍ସନ ମୋଡ଼କୁ ଆସିଛି ସମ୍ବଲପୁର ପୋଲିସ। ଝାରସୁଗୁଡ଼ାରୁ ସମ୍ବଲପୁରରୁ ପ୍ରତିଦିନ ଶହଶହ ଟନ୍ ପାଉଁଶ ରାସ୍ତା କଡ଼ରେ ପକାଉଥିବାବେଳେ ଆଜି ସମସ୍ତ ଟ୍ରକ ଜବତ କରି ତଦନ୍ତ ଆରମ୍ଭ କରିଛି ପୋଲିସ।

## ଓଡିଶା ହାଇକୋର୍ଟ ବିଚ଼ାରପତି ଭାବେ ଆଜି ଶପଥ ଗ୍ରହଣ କରିବେ ଜଷ୍ଟିସ ଦିକ୍ଷିତ କ୍ରୀଷ୍ଣା ଶ୍ରୀପଦ



ଭୁବନେଶ୍ୱର,୧୨।୫(ପି.ଏନ): ଓଡିଶା ହାଇକୋର୍ଟ ବିଚ଼ାରପତି ଭାବେ ଆଜି ଶପଥ ଗ୍ରହଣ କରିବେ ଜଷ୍ଟିସ ଦିକ୍ଷିତ କ୍ରୀଷ୍ଣା ଶ୍ରୀପଦ। ହାଇକୋର୍ଟ ନୂଆ କନଫରେନ୍ସ ହଲରେ ପୂର୍ବାହ୍ନ ୧୦ଟାରେ ଶପଥପାଠ ଉତ୍ସବ ଅନୁଷ୍ଠିତ ହେବ। ମୁଖ୍ୟ ବିଚ଼ାରପତି ତାଙ୍କୁ ପଦ ଓ ଗୋପନୀୟତାର ଶପଥ ପାଠ କରାଇବେ। ପୂର୍ବରୁ ଜଷ୍ଟିସ କ୍ରୀଷ୍ଣା ଶ୍ରୀପଦ କର୍ଣ୍ଣାଟକ ହାଇକୋର୍ଟର ବିଚ଼ାରପତି ଭାବେ ଦାୟିତ୍ୱ ତୁଲାଉଥିଲେ। ଏହି ଉତ୍ସବରେ ହାଇକୋର୍ଟର ବିଚ଼ାରପତି ବୃନ୍ଦ, ଅଧିକାରୀ, ଆଡଭୋକେଟ ମାନେ ଯୋଗ ଦେବେ।

## ଓଡ଼ିଶା ଉପକୂଳ ଅଂଚ଼ଳରେ ସୁରକ୍ଷା କଡ଼ାକଡ଼ି

ଭୁବନେଶ୍ୱର,୧୨।୫(ପି.ଏନ): ଭାରତ-ପାକିସ୍ତାନ ମଧ୍ୟରେ ଉତ୍ତ?ଜନାକୁ ନେଇ ଦେଶର ବିଭିନ୍ନ ସ୍ଥାନରେ ସୁରକ୍ଷା ବ୍ୟବସ୍ଥା କଡାକଡି କରାଯାଇଛି। ପୁରୀ ଜିଲ୍ଲା ଅସ୍ତରଙ୍ଗ ଉପକୂଳ ଓ କୋଣାର୍କ ଚ଼ନ୍ଦ୍ରଭାଗା ସାମୁଦ୍ରିକ ଥାନା ଅଞ୍ଚଳରେ ସୁରକ୍ଷା ବଢ଼ାଇ ଦିଆଯାଇଛି। ଗୋଟିଏ ଲେଖାଏଁ ସେକ୍ସନ ଫୋର୍ସ ମୁତୟନ କରାଯିବା ସହ ସମ୍ଭାବ୍ୟ ପରିସ୍ଥିତିର ମୁକାବିଲା ପାଇଁ ଜରୁରୀ ଉପକରଣ ଯୋଗାଇ ଦିଆଯାଇଛି। ସମୁଦ୍ର ପଥରେ ସମ୍ଭାବ୍ୟ ଆକ୍ରମଣ କିମ୍ବା ଅନୁପ୍ରବେଶକୁ ରୋକିବା ପାଇଁ ଜଳପଥରେ ହାଇଆଲର୍ଟ ଜାରି କରାଯାଇଛି।

## ରଥଯାତ୍ରାରେ ଭିଡ଼ ନିୟନ୍ତ୍ରଣ କରିବ ଡ୍ରୋନ୍, ଯାତ୍ରା ପାଇଁ ସୁରକ୍ଷା ବ୍ୟବସ୍ଥା ହେବ କଡାକଡି

ପୁରୀ,୧୨।୫(ପି.ଏନ): ଫୋକସରେ ଚ଼ଳିତ ବର୍ଷ ବିଶ୍ୱ ପ୍ରସିଦ୍ଧ ରଥଯାତ୍ରା । ରଥଯାତ୍ରା ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା ପ୍ରଣାଳୀ କରାଯିବ । ବରିଷ୍ଠ ଅଧିକାରୀଙ୍କୁ ନେଇ ପୋଲିସ ଡିଜିଙ୍କ ସମୀକ୍ଷା । ପ୍ରଥମ ଥର କୋଷ୍ଟାଲ ସିକ୍ୟୁରିଟି ପାଇଁ ଡ୍ରୋନ୍ ମୁତୟନ କରାଯିବ ।ସମସ୍ତ ସେଣ୍ଟ୍ରାଲ ଏଜେନ୍ସି ସହ ସମନ୍ୱୟକୁ ନେଇ ସମୀକ୍ଷା କରାଯାଇଛି । କୋଷ୍ଟ ଗାର୍ଡ, ନେଭି, ଆରପିଏଫ୍, ସମନ୍ୱୟରେ ରଥାଯାତ୍ରା ହେବ ।ଏଆଇ, ଡ୍ରୋନ୍ ସାହାଯ୍ୟରେ ଭିଡ ନିୟନ୍ତ୍ରଣ କରାଯିବ । ସ୍ଥଳ ଓ ଆକାଶ ମାର୍ଗ ସୁରକ୍ଷା ବ୍ୟବସ୍ଥା ଉପରେ ନଜର ରଖାଯିବ ।ଭାରତ ପାକିସ୍ତାନ ଯୁଦ୍ଧରେ ବିରାମ ଲାଗିବା ପରେ ରଥଯାତ୍ରାକୁ ଗୁରୁତ୍ୱର ସହ ନିଆଯାଉଛି । ଆତଙ୍କୀ କାର୍ଯ୍ୟକଳାପକୁ ଆଶଙ୍କା କରି ବିଶ୍ୱ ପ୍ରସିଦ୍ଧ ରଥଯାତ୍ରା ସୁରକ୍ଷାରେ ସୁରକ୍ଷା ବ୍ୟବସ୍ଥାକୁ କଡାକଡି କରାଯିବ ।

## ପୁରୀରେ ପୋଲିସ ଡିଜି ୱାଇ.ବି.ଖୁରାନି

ଭୁବନେଶ୍ୱର,୧୨।୫(ପି.ଏନ): ପୁରୀରେ ପୋଲିସ ଡିଜି ୱାଇ.ବି.ଖୁରାନିଆ। ଆଗାମୀ ରଥଯାତ୍ରାକୁ କିଭଳି ଭାବେ ଶୃଙ୍ଖଳିତ କରିବେ ସେନେଇ ସମୀକ୍ଷା କରିବେ। ଶ୍ରୀମନ୍ଦିରର ସୁରକ୍ଷା ନିମନ୍ତେ ରଥଯାତ୍ରା ସମୟରେ ଭିଡ ଓ ଟ୍ରାଫିକ ନିୟନ୍ତ୍ରଣକୁ ନେଇ ଆଲୋଚ଼ନା କରିବେ ୱାଇ.ବି.ଖୁରାନିଆ। ସମୀକ୍ଷା ପୂର୍ବରୁ ପ୍ରଥମେ ଜଗନ୍ନାଥ ମନ୍ଦିର ଯାଇ ମହାପ୍ରଭୁଙ୍କୁ ଦର୍ଶନ କରିବା ସହ ସିଂହଦ୍ୱାର ଥାନା ନିକଟରେ ଏକ ସ୍ୱତନ୍ତ୍ର କମାଣ୍ଡୋ ବାହିନୀ ସହ ବୁଲେଟ ପ୍ରୁଫ ଗାଡି ରକ୍ଷକକୁ ଉଦଘାଟନ କରିଥିଲେ। ।ଆତଙ୍କୀ ହମଲାକୁ ରୋକିବା ନେଇ ଜିଲ୍ଲାରେ ଏହି ଗାଡିକୁ ମୃତୟନ



## ପାକିସ୍ତାନକୁ ପ୍ରଧାନମନ୍ତ୍ରୀ ମୋଦିଙ୍କ କଡା ବାର୍ତ୍ତା: ଏଣିକି ପିଓକେ ସମ୍ପର୍କରେ କଥାବାର୍ତ୍ତା

ଭୁବନେଶ୍ୱର,୧୨।୫(ପିଏନ):ପହଲଗାମ ନରସଂହାର ଓ ଅପରେସନ ସିନ୍ଦୂର ପରେ ପ୍ରଥମଥର ପାଇଁ ଦେଶବାସୀଙ୍କୁ ସମ୍ବୋଧନ କରିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି। ଦେଶବାସୀଙ୍କୁ ସମ୍ବୋଧନ କରିବା ବେଳେ ସେ ପାକିସ୍ତାନକୁ କଡା ବାର୍ତ୍ତା ଦେଇଛନ୍ତି। ଏଣିକି ପାକିସ୍ତାନ ସହ ଯଦି କଥାବାର୍ତ୍ତା ହେବ, ତା'ହେଲେ କେବଳ ଆତଙ୍କବାଦ ଓ ପାକିସ୍ତାନ ଅଧିକୃତ କଶ୍ମୀର ଉପରେ ହେବ। ଏହା ଛଡା ଆଉ କୌଣସି ବିଷୟରେ ପାକିସ୍ତାନ ସହ ଭାରତ ଆଲୋଚ଼ନା କରିବ ନାହିଁ ବୋଲି ଆଜି ପ୍ରଧାନମନ୍ତ୍ରୀ ମୋଦି ସ୍ପଷ୍ଟ କରିଛନ୍ତି ।ମୋଦି କହିଛନ୍ତି, ଆତଙ୍କବାଦ ବିରୋଧରେ ଆମର ଏକତା ସବୁଠୁ ବଡ ଶକ୍ତି। ଆତଙ୍କବାଦ ବିରୋଧରେ ଶୂନ ସହନଶୀଳତା ଆମ ଗ୍ୟାରେଣ୍ଟୀ। ଯେଉଁ ଆତଙ୍କବାଦୀଙ୍କୁ ପାକିସ୍ତାନ ପ୍ରୋତ୍ସାହନ ଦେଉଛି, ଦିନ ସେମାନେ ହିଁ ଇସଲାମାବାଦକୁ ଧ୍ୱଂସ କରିବେ।



ଆତଙ୍କବାଦ ଓ କଥାବାର୍ତ୍ତା ଏକସଙ୍ଗେ ଚ଼ାଲି ପାରିବନି। ଆତଙ୍କବାଦ ଓ ବାଣିଜ୍ୟ ଏକସଙ୍ଗେ ହୋଇପାରିବ ନାହିଁ। ଯଦି ପାକିସ୍ତାନ ସହ କଥା ହେବୁ ତେବେ ଆତଙ୍କବାଦ ନେଇ ହେବୁ। ଯଦି ପାକିସ୍ତାନ ସହ କଥାବାର୍ତ୍ତା ଭବିଷ୍ୟତରେ ହେବ, ତା'ହେଲେ ଚଙ୍କ ଉପରେ ହେବ ସେ କହିଛନ୍ତି ।ଅପରେସନ ସିନ୍ଦୂର ସମ୍ପର୍କରେ ମୋଦି କହିଛନ୍ତି, "ଭାରତର ପରାକ୍ରମୀ ସେନାକୁ ସାଲ୍ୟୁଟ। ଗୁଇନ୍ଦା ସଂସ୍ଥା ଓ ବୈଜ୍ଞାନିକଙ୍କୁ ମଧ୍ୟ ସଲାମ। ଯବାନଙ୍କ ପରାକ୍ରମକୁ ଦେଶର ମାତାଙ୍କ ପାଇଁ ସମର୍ପିତ କରୁଛି। ପହଲଗାମରେ ଆତଙ୍କବାଦୀ ବର୍ବରକାଣ୍ଡ ଘଟାଇଲେ। ଛୁଟି କାଟିବାକୁ ଯାଇଥିବା ନିର୍‌ଦ୍‌ଦୋଷଙ୍କୁ ହତ୍ୟା କଲେ। ପରିବାର ସଦସ୍ୟଙ୍କ ଆଗରେ ଧର୍ମ ପଚ଼ାରି ହତ୍ୟା କଲେ। ଏହା ସବୁଠୁ ବଡ ବୀଭତ୍ସ ଓ କ୍ରୁର ଥିଲା। ଆତଙ୍କବାଦ ବିରୋଧରେ ଲ??ଇ ପାଇଁ ପୂରା ଦେଶରେ ସ୍ୱର ଉଠିଥିଲା। ପୂରା ସମାଜ ଓ ସବୁ ରାଜନୀତି ଦଳ ଏନେଇ ଦାବି କରିଥିଲେ। ମା, ଭଉଣୀଙ୍କ ମୁଣ୍ଡରୁ ଯେଉଁ ସିନ୍ଦୂର ହଜିଥିଲା ତା'ର ପ୍ରତିଶୋଧ ନେଉଥିଲୁ।

## ପାକିସ୍ତାନୀ ମିରାଜ ଧ୍ୱଂସ, ପରବର୍ତ୍ତୀ ଲଢେଇ ପାଇଁ ଭାରତ ପ୍ରସ୍ତୁତ

ଭୁବନେଶ୍ୱର,୧୨।୫(ପି.ଏନ) ଅପରେସନ ସିନ୍ଦୂରର ବଦଳା ନେବାକୁ ପାକିସ୍ତାନ ଜୋରଦାର ଉଦ୍ୟମ କରିଥିଲା। ପାକିସ୍ତାନ ପକ୍ଷରୁ ଡ୍ରୋନ, ମିସାଇଲ, ରକେଟ ଓ ଯୁଦ୍ଧ ବିମାନ ଦ୍ୱାରା ଭାରତର ବିଭିନ୍ନ ସହରକୁ ଟାର୍ଗେଟ କରାଯାଇଥିଲା। ହେଲେ ଭାରତର ଏୟାର ଡିଫେନ୍ସ ସିଷ୍ଟମ ପାକିସ୍ତାନର ସବୁ ଉଦ୍ୟମକୁ ଆକାଶ ପଥରେ ହିଁ ପଣ୍ଡ କରି ଦେଇଛି। ଭାରତର କାଉଣ୍ଟର ଆଟାକରେ ପାକିସ୍ତାନ ବ୍ୟାପକ କ୍ଷତି ସହିଛି ।ଭାରତର ଜବାବୀ ହମଲାରେ ପାକିସ୍ତାନର ଗୋଟିଏ ମିରାଜ ଯୁଦ୍ଧ ବିମାନ ବି ପୂରା ଛିନଛତ୍ର ହୋଇଯାଇଛି। ଭାରତୀୟ ସେନା ପକ୍ଷରୁ ଆଜି ପାକିସ୍ତାନର ବିଭିନ୍ନ ଡ୍ରୋନ, ମିସାଇଲ ଓ ରକେଟର ଧ୍ୱଂସାବଶେଷର ଭିଡିଓ ଜାରି କରାଯାଇଛି। ଏହି ଭିଡିଓରୁ ସ୍ପଷ୍ଟ ଭାବେ ଗୋଟିଏ ପାକିସ୍ତାନୀ ମିରାଜ ଯୁଦ୍ଧ ବିମାନ ଧ୍ୱଂସ ହୋଇଥିବା ଦେଖିବାକୁ




ମିଳିଛି। ଆଉ କିଛି ଯୁଦ୍ଧ ବିମାନ ମଧ୍ୟ ପାକିସ୍ତାନ ହରାଇଛି। କିନ୍ତୁ ସେଗୁଡିକ ପାକିସ୍ତାନ ସୀମାରେ ଖସି ଥିବାରୁ ଏହାର ଧ୍ୱଂସାବଶେଷ ମିଳିପାରି ନାହିଁ। ଏହା ମଧ୍ୟରେ ପାକିସ୍ତାନ ବନ୍ଧୁ ଚ଼ାଇନା ଠାରୁ ଆଣିଥିବା ଜେଏଫ-୧୭ ଯୁଦ୍ଧ ବିମାନ ରହିଥିବା କୁହାଯାଉଛି। ଅସ୍ତ୍ରବିରତି ସର୍ତ୍ତ ଅନୁସାରେ ଆଜି ଭାରତ ଓ ପାକିସ୍ତାନ ମଧ୍ୟରେ ଡିଜିଏମଓ ସ୍ତରୀୟ ବୈଠକ ସନ୍ଧ୍ୟାରେ ବସିବ। ଏହାପୂର୍ବରୁ ଭାରତର ୩ ସେନାର ଡିଜିଏମଓ ପୁଣି ସାମ୍ବାଦିକ ସମ୍ମିଳନୀ କରିଛନ୍ତି। ଅପରେସନ ସିନ୍ଦୂର ସମ୍ପର୍କରେ ସେମାନେ ଆଉ କିଛି ଅପଡେଟ ଦେବା ସହ ଭାରତ ପରବର୍ତ୍ତୀ ଲଢେଇ ପାଇଁ ଭଲ ଭାବେ ପ୍ରସ୍ତୁତ ଥିବା କହିଛନ୍ତି।

## ପାକିସ୍ତାନ ଘରେ ପଶି ମାରୁଛି ଭାରତ; ସମ୍ବିତ ପାତ୍ର

ଭୁବନେଶ୍ୱର,୧୨।୫(ପି.ଏନ): 'ଅପରେସନ ସିନ୍ଦୂର'କୁ ନେଇ ବିଜେପି ରାଷ୍ଟ୍ରୀୟ ମୁଖପାତ୍ର ସମ୍ବିତ ପାତ୍ରଙ୍କ ବଡ଼ ସୂଚ଼ନା। ଭାରତୀୟ ସେନା ଅପରେସନ ସିନ୍ଦୂରକୁ ସଫଳ କରିଛନ୍ତି। ଆତଙ୍କବାଦୀଙ୍କ ଠିକଣାକୁ ମାଟିରେ ମାଶାଇଛନ୍ତି ସେନା। ଆତଙ୍କବାଦୀକୁ ନେଇ ପାକିସ୍ତାନର ମିଛ ଧରାପଡିଥିଲା। ପାକିସ୍ତାନର ଏ ସ୍ଥିତି କିଛି ନୁହେଁ। ଆଗକୁ ଆହୁରି ଭୋଗିବ ବୋଲି କହିଲେ ସମ୍ବିତ ପାତ୍ର। ପହଲଗାମ୍ ହମଲାର ଜବାବ ଦିଆଯିବ କହିଥିଲେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ।କଳ୍ପନା ବାହାରେ ପ୍ରତିଶୋଧ ନିଆଯିବ ବୋଲି କହିଥିଲେ। ଆଉ ତାହା କରି ଦେଖାଇଲେ। ମାଟିରେ ମିଶାଇବା ସହ ଘରେ ପଶି ମାରିବେ କହିଥିଲେ ପ୍ରଧାନମନ୍ତ୍ରୀ। ବିଶ୍ୱକୁ ଏକ ବଡ଼ ବାର୍ତ୍ତା



ଦେଇଛି ଅପରେସନ୍ ସିନ୍ଦୂର। ନୂତନ ଭାରତ ଏବେ ଘରେ ପଶି ମାରୁଛି। ଏବେ ପାକିସ୍ତାନଙ୍କ ଘରେ ପଶି ମାରୁଛି ଭାରତ।






# ମୋବାଇଲ ଗେମିଂ କମ୍ପାନୀରେ ନିଯୁକ୍ତ ହେଲେ ରୋବୋ ସିଇଓ

ବିଶ୍ୱରେ ୪ର୍ଥ ଔଦ୍ୟୋଗିକ କ୍ରାନ୍ତି ଜୋରଦାର ହେଉଥିବାବେଳେ ଟେକ୍ନୋଲୋଜି ଜଗତ ଏକ ବଡ଼ ଲମ୍ଫ ଦେଇଛି । ଚୀନ୍‌ର ଏକ ମୋବାଇଲ ଗେମ୍ କମ୍ପାନି ଏକ ରୋବୋକୁ ସିଇଓ ପଦରେ ନିଯୁକ୍ତ କରିଛି। କଥାଟା ବିଜ୍ଞାନ-କାଳ୍ପନିକ ଉପନ୍ୟାସର କାହାଣୀ ଭଳି ଲାଗୁଥିଲେ ମଧ୍ୟ ଏହା ସତ। କମ୍ପାନିର ନାମ ନେଟ୍‌ଡ୍ରାଗନ୍ ୱେବ୍‌ସଫ୍ଟ। ନେଟ୍‌ଡ୍ରାଗନ୍ ନିଯୁକ୍ତ କରିଥିବା କୃତ୍ରିମ ବୁଦ୍ଧିମତାସମ୍ପନ୍ନ ଏହି ମାନବ ରୋବୋର ନାମ ତାଙ୍ଗ ୟୁ। ଏହାକୁ ଜଣେ ମହିଳା ମାନବ ରୋବୋର ପରିଚୟ ପ୍ରଦାନ କରାଯାଇଛି। ଚୀନ୍‌ର ଅନ୍ୟତମ ପ୍ରସିଦ୍ଧ ଓ ଜଣାଶୁଣା ଅନ୍‌ଲାଇନ୍ ଗେମ୍ ଡେଭ୍‌ଲପର ହେଉଛି ନେଟ୍‌ଡ୍ରାଗନ୍ ୱେବ୍‌ସଫ୍ଟ। ମଲ୍ଟିପ୍ଲେୟର ଅନ୍‌ଲାଇନ୍ ଗେମ୍ ଏବଂ ମୋବାଇଲ ଆପ୍ ପ୍ରସ୍ତୁତି ଓ ପରିଚାଳନା ପାଇଁ ଏହା ପରିଚିତ। କମ୍ପାନିର ମୁଖ୍ୟ ଡିଭିଜନ୍ ଫୁଜିଆନ୍ ନେଟ୍‌ଡ୍ରାଗନ୍ ୱେବସଫ୍ଟରେ ସିଇଓ ଭାବେ ତାଙ୍କୁ ନିଯୁକ୍ତ ନିଯୁକ୍ତି ମିଳିଛି। କମ୍ପାନିର ଦୈନନ୍ଦିନ କାର୍ଯ୍ୟରେ ନିଷ୍ପତ୍ତି ନେବାରେ ଏହା ସାହାଯ୍ୟ କରିବ ଏବଂ ଅଧିକ ପ୍ରଭାବଶାଳୀ ରିସ୍କ ମ୍ୟାନେଜ୍‌ମେଣ୍ଟ ସିଷ୍ଟମ୍ ପ୍ରଦାନ କରିବ। ମ୍ୟାନେଜିଙ୍ଗ ବୋର୍ଡ ପାଇଁ ରିୟଲ୍-ଟାଇମ୍ ଡାଟା ସେଣ୍ଟର ଓ ଆନାଲିଟିକ୍ସ ଟୁଲ୍ ଭାବେ ମଧ୍ୟ ଏହାକୁ ପ୍ରୟୋଗ କରାଯାଇପାରିବ। କର୍ମଚାରୀଙ୍କ ପାଇଁ ଉତ୍ତମ କର୍ମ ପରିବେଶ ପ୍ରଦାନ କରିବା ମଧ୍ୟ ତାଙ୍ଗ ୟୁର କର୍ତ୍ତବ୍ୟ ।



କୃତ୍ରିମ ବୁଦ୍ଧିମତା ବିନା ଆଜିର ଟେକ୍ନୋଲୋଜି ବିଷୟରେ ଚିନ୍ତା କରିବା ସମ୍ଭବ ନୁହେଁ। ତେଣୁ ନେଟ୍‌ଡ୍ରାଗନ୍ ୱେବ୍‌ସଫ୍ଟ କମ୍ପାନିର ପ୍ରତିଷ୍ଠାତା ଡ. ଡିଜିଆନ୍ ଲିଉ ନିଜ କମ୍ପାନିରେ ଏହାର ଗୁରୁତ୍ୱକୁ ପ୍ରାଧାନ୍ୟ ଦେଇଛନ୍ତି। ସେ କହିଛନ୍ତି 'ଆମର ବିଶ୍ୱାସ ଯେ କର୍ପୋରେଟ୍ ମ୍ୟାନେଜ୍‌ମେଣ୍ଟର ଭବିଷ୍ୟତ ହେଉଛି କୃତ୍ରିମ ବୁଦ୍ଧିମତା । ମାନବ ରୋବୋ ତାଙ୍ଗ ୟୁକୁ ସିଇଓ ରୂପେ ନିଯୁକ୍ତି ମିଳିବା ବ୍ୟବସାୟ ପରିଚାଳନାର ମାର୍ଗ ପରିବର୍ତ୍ତନରେ କୃତ୍ରିମ ବୁଦ୍ଧିମତାର ବ୍ୟବହାରକୁ ପ୍ରୋତ୍ସାହିତ କରିବା ଏବଂ ଭବିଷ୍ୟତରେ ରଣନୀତିକ ଅଭିବୃଦ୍ଧିକୁ ଆଗକୁ ନେବା। ଧୀରେ ଧୀରେ ଆମେ ମେଟାଭର୍ସ ଆଧାରିତ କାର୍ଯ୍ୟ ସମୁଦାୟରେ ରୂପାନ୍ତରିତ ହେଉଥିବାବେଳେ ତାଙ୍ଗ ୟୁ ରୋବୋକୁ ଏକ ଉନ୍ମୁକ୍ତ, ପାରସ୍ପରିକ ଓ ଅତ୍ୟନ୍ତ ସ୍ୱଚ୍ଛ ପ୍ରବନ୍ଧନ ମଡେଲ ରୂପେ ନିର୍ମାଣ କରିବାକୁ କମ୍ପାନି ପ୍ରୟାସ ଜାରି ରଖିଛି। ଏହା ଆମକୁ ବିଶ୍ୱସ୍ତରରେ ଅଧିକ ବ୍ୟାପକ ପ୍ରତିଭାଙ୍କୁ ଆକର୍ଷିତ କରିବାରେ ସମର୍ଥ କରିବ ଏବଂ ବୃହତ ଲକ୍ଷ୍ୟ ହାସଲ କରିବାର ସ୍ଥିତିକୁ ଆମକୁ ନେଇଯିବ ବୋଲି ଲିଉ କହିଛନ୍ତି। ୧୯୯୯ ମସିହାରେ ଅନ୍‌ଲାଇନ୍ ଗେମ୍ ଡେଭ୍‌ଲପର କମ୍ପାନି ନେଟ୍‌ଡ୍ରାଗନ୍‌ର ସ୍ଥାପନା ହୋଇଥିଲା। ଇଉଡେମନ୍ସ ଅନ୍‌ଲାଇନ୍, ହିରୋଜ୍ ଇଭଲ୍‌ଭଡ୍, କନ୍‌କର ଅନ୍‌ଲାଇନ୍ ଓ ଅଣ୍ଡର ଓଥ୍ ଭଳି ଅନେକ ଲୋକପ୍ରିୟ ଗେମ୍ ଏହା ପ୍ରସ୍ତୁତ କରିଛି। ଅନ୍ତର୍ଜାତୀୟ ସ୍ତରରେ ସର୍ବଶ୍ରେଷ୍ଠ ଶିକ୍ଷଣ ସମୁଦାୟ ସୃଷ୍ଟି ଲାଗି ୨୦୧୨ ମସିହାରେ ନେଟ୍‌ଡ୍ରାଗନ୍ ୱେବ୍‌ସଫ୍ଟ ଶିକ୍ଷା କ୍ଷେତ୍ରରେ କାମ ଆରମ୍ଭ କରିଛି।

# ପ୍ରକୃତ ପ୍ରେମ ପାଇବାରୁ ବଞ୍ଚିତ: ମହିମା



ବଲିଉଡ୍ ଅଭିନେତ୍ରୀ ମହିମା ଚୌଧୁରୀ ତାଙ୍କର ୪୯ତମ ଜନ୍ମଦିନ ପାଳନ କରୁଛନ୍ତି। ଫିଲ୍ମ 'ପରଦେଶ୍' ସହିତ ଡେବ୍ୟୁ କରିଥିବା ମହିମା ତାଙ୍କ ସମୟରେ ବହୁ ଖ୍ୟାତି ଅର୍ଜନ କରିଥିଲେ। ଯଦିଓ ନାମ ଏବଂ ଖ୍ୟାତି ପ୍ରକ୍ରିୟା ତାଙ୍କ କ୍ୟାରିୟରରେ ଅଧିକ ଦିନ ରହିନଥିଲା। କିନ୍ତୁ ମହିମା ଚୌଧୁରୀ ତାଙ୍କ ବ୍ୟକ୍ତିଗତ ଜୀବନକୁ ନେଇ ଅନେକ ସମୟରେ ହେଡଲାଇନ ରହି ଆସିଛନ୍ତି। କୁହାଯାଏ ଯେ ଏକଦା ଟେନିସ୍ ଖେଳାଳି ଲିଆଣ୍ଡର୍ ପେସ୍‌ଙ୍କ ସହ ମହିମାଙ୍କ ଆଫେୟାର ନେଇ ଚର୍ଚ୍ଚା ହେଉଥିଲା। ରିୟା ପିଲ୍ଲାଇଙ୍କ କାରଣରୁ ଉଭୟଙ୍କ ସମ୍ପର୍କ ଭାଙ୍ଗି ଯାଇଥିଲା। ରିୟାଙ୍କ ସହ ଲିଆଣ୍ଡରଙ୍କ ଘନିଷ୍ଠତା ବଢ଼ିଯାଇଥିଲା ଯେ, ଯେଉଁଥିପାଇଁ ମହିମା ତାଙ୍କ ସହ ସମ୍ପର୍କକୁ ଦ ଏଣ୍ଡ କରିଥିଲେ । ୨୦୦୬ରେ, ସେ ବ୍ୟବସାୟୀ ବବି ମୁଖାର୍ଜୀଙ୍କୁ ବିବାହ କରିଥିଲେ। ହେଲେ ବେଶି ଦିନ ତିଷ୍ଠିପାରିନଥିଲା ଏମାନଙ୍କ ସମ୍ପର୍କ । ଖୁବ କମ୍ ଦିନରେ ଅଲଗା ହୋଇଥିଲା ଦମ୍ପତି । ୨୦୨୧ ମସିହାରେ ମହିମା ଚୌଧୁରୀ ତାଙ୍କ ଜୀବନ ବିଷୟରେ କହିଥିଲେ। ତାଙ୍କ ସହ ଯାହା ଘଟିଥିଲା, ତାହା ତାଙ୍କ କ୍ୟାରିୟରକୁ ପ୍ରଭାବିତ କରିଥିବା ସେ କହିଥିଲେ। ଏହା ସହିତ ସେ ତାଙ୍କର ବିବାହ ଏବଂ ଦୁଇଟି ଗର୍ଭପାତ ବିଷୟରେ ମଧ୍ୟ କହିଥିଲେ। ମହିମା କହିଥିଲେ ଯେ ସେ ଖୁସିରେ ନାହାଁନ୍ତି। ୨୦୦୬ରେ, ମହିମା ବବି ମୁଖାର୍ଜୀଙ୍କୁ ବିବାହ କରିଥିଲେ। ୨୦୦୭ରେ, ଉଭୟଙ୍କର ଝିଅ ଆରିନା ମୁଖାର୍ଜୀ ଜନ୍ମ ହୋଇଥିଲେ। ପରେ ୨୦୧୩ରେ ଏହି ଦମ୍ପତି ଛାଡପତ୍ର ଘୋଷଣା କରିଥିଲେ। ମହିମା ଚୌଧୁରୀ କହିଥିଲେ ଏସବୁ ପାଇଁ ମୁଁ ବହୁତ ସମସ୍ୟାର ସମ୍ମୁଖୀନ ହୋଇଛି। ଜଣେ ସିଙ୍ଗଲ ମଦର ହେବା ବହୁତ କଷ୍ଟକର। ଏହା ମୋ କ୍ୟାରିୟର ଉପରେ ବି ବେଶ୍ ପ୍ରଭାବ ପକାଇଥିଲା। ଯେବେ ମୁଁ କୌଣସି ଇଭେଣ୍ଟରେ ଅଂଶଗ୍ରହଣ କରିବାକୁ ଯାଏ ବା କିଛି କାମଥାଏ ତେବେ ମୋ ଝିଅକୁ ମାଆ ନିକଟରେ ଛାଡି ଯାଏ। ବହୁତ ସଂଘର୍ଷ ଭିତରେ ମୋ ଜୀବନ କଟୁଛି। ତେବେ ଏସବୁରେ ତାଙ୍କ ମାଙ୍କର ଥିବା ବଳିଷ୍ଠ ଅବଦାନ ରହିଛି। ଏତିକିରେ ସରିନଥିଲା ତାଙ୍କ ଦୁଃଖ। ୨୦୨୨ରେ ସେ କ୍ୟାନସରରେ ପୀଡ଼ିତ ହେଲେ। ତେବେ ଉତ୍ତମ ଚିକିତ୍ସା ବଳରେ ସେ ଏବେ କ୍ୟାନସରକୁ ମାତ୍ ଦେଇ ସୁସ୍ଥ ହୋଇଛନ୍ତି।



# ଦୁବାଇରେ ନିର୍ମାଣ ହେବ ଜହ୍ନ ଭଳି ହୋଟେଲ

ଉପସାଗରୀୟ ଦେଶରେ ଏକ ଏପରି ସହର ଅଛି ଜିଏ ନିଜର ନୂଆନୂଆ କର୍ତ୍ତୃତ୍ୱରେ ଦୁନିଆକୁ ଆଶ୍ଚର୍ଯ୍ୟ ଚକିତ କରିଆସୁଛି। ଏଠାରେ ଆମେ ଦୁବାଇ ସହରର କଥା କହୁଛୁ। ଯିଏ ନିଜର ସ୍ଥାପତ୍ୟ ଓ ଭବ୍ୟ ନିର୍ମାଣ ଲାଗି ସାରା ବିଶ୍ୱରେ ପ୍ରସିଦ୍ଧ। ଏଠାରେ ଥିବା ବୁର୍ଜ ଅଲ-ଖଲିଫା ସମ୍ପର୍କରେ ଦୁନିଆରେ ଏପରି କେହି ନଥିବେ ଜିଏ ଜାଣିନଥିବ। ମରୁଭୂମିରେ ଛିଡା ହୋଇଥିବା ଏହା ବିଶ୍ୱର ସବୁଠୁ ଉଚ୍ଚତମ ଅଟ୍ଟାଳିକା। ଭୁର୍ଜ ଖଲିଫାର ଉଚ୍ଚତା ଦେଖି ଲୋକେ ଏବେବି ତାଜୁବ ହୋଇ ଯାଉଛନ୍ତି। ଏବେ ସେହି ଦୁବାଇ ପୁଣି ବିଶ୍ୱକୁ ଚମତ୍କୃତ କରିବାକୁ ଯାଉଛି। କାରଣ ନିଜ ମାଟିକୁ ସେ ଜହ୍ନ ଓହ୍ଲାଇ ଆଣିବାକୁ ଯାଉଛି। ଉଲ୍ଲେଖଯୋଗ୍ୟ ଯେ ଦୁବାଇ ଏବେ ନିଜର ଜହ୍ନ ନିର୍ମାଣ କରିବାକୁ ଯାଉଛି। ଯାହା ଚନ୍ଦ୍ରମା ଆକାରର ଏକ ରିସୋର୍ଟ ହେବ। ଜହ୍ନ ଭଳି ରିସୋର୍ଟର ଡିଜାଇନ କାନାଡା କମ୍ପାନୀ ମୁନ୍ ୱାର୍ଲଡ ରିଜୋର୍ଟ ଇଂକ କରୁଛନ୍ତି। ଏହି ଜହ୍ନର ଆକାର ୭୩୫ ଫୁଟର ହେବ। ତେବେ ଏଠାରେ ଦେଖିବାର କଥା ହେଲା ଏହି ଜହ୍ନ ନିର୍ମାଣ କରିବାକୁ ୫ ବିଲିୟନ ଡଲାର ଅର୍ଥାତ ଭାରତୀୟ ମୁଦ୍ରାରେ ୪୦ ହଜାର କୋଟି ଟଙ୍କା ବ୍ୟୟ ହେବ। ଏହାଛଡା ଏହି ବିଶାଳ ଜହ୍ନ ତିଆରି ପାଇଁ ୪୮ ମାସ ସମୟ ଲାଗିବ। ଅର୍ଥାତ ଏହା ଲୋକଙ୍କ ଲାଗି ୪ ବର୍ଷରେ ତିଆରି ହୋଇଯିବ। ଦୁବାଇରେ ପୂର୍ବରୁ ଅନେକ ବିଳାଶମୟ ଟୁରିଷ୍ଟ ପ୍ଲେସ୍ ରହିଛି। ଯେଉଁଥିରେ ଦୁବାଇ ମଲ ଓ ଆଟଲାଣ୍ଟିସ୍ ପାମ ଜୁମାରେହ ମଧ୍ୟ ଅଛି। ଏହି ଲଗଜରୀ ହୋଟେଲ ଓ ମଲ ସୂଚୀରେ ଏବେ ଜହ୍ନ ବି ଯୋଡି ହୋଇଯିବ। ଏହି ଜହ୍ନ ତିଆରି ହୋଇଗଲେ ଏଠାକୁ ବାର୍ଷିକ ୨୫ ଲକ୍ଷ ଲୋକେ ବୁଲିବାକୁ ଆସିବେ ବୋଲି ଏକ ଆକଳନ କରାଯାଇଛି। ଦୁବାଇରେ ଜହ୍ନ ଥିମର ଏହି ହୋଟେଲ ସହରର ଅର୍ଥ ବ୍ୟବସ୍ଥାକୁ ନୂଆ ଜୀବନ ଦେବ ବୋଲି ମୁନୱାର୍ଲଡ ରିସର୍ଟ ଇଂକର ସହ ସଂସ୍ଥାପକ ମାଇକେଲ ଆର.ହେଣ୍ଡରସନ କହିଛନ୍ତି। ଏଥିରେ ହସ୍ପିଟାଲିଟି, ଏଣ୍ଟରଟେରନମେଣ୍ଟ, ଏଜୁକେସନ, ଟେକ୍ନୋଲଜି ଓ ସ୍ପେସ୍ ଟୁରିଜିମ ଭଳି କ୍ଷେତ୍ରକୁ ଅଭିବୃଦ୍ଧି ମିଳିବ ବୋଲି ସେ କହିଛନ୍ତି।

# ଟାଟୁ ପାଇଁ ହୋଇପାରେ ସ୍କିନ୍ କ୍ୟାନ୍‌ସର



ବର୍ତ୍ତମାନ ଯୁବପିଢ଼ିଙ୍କ ଫ୍ୟାଶନ୍‌ରେ ଟାଟୁ ବେଶ୍ ଆଗରେ ରହିଛି। ତେବେ ଏଥିପାଇଁ ବ୍ୟବହୃତ ରଙ୍ଗ ଶରୀର ପାଇଁ କ୍ଷତିକାରକ ସାବ୍ୟସ୍ତ ହୋଇପାରେ ବୋଲି ୱାଶିଂଟନ୍ ୟୁନିଭର୍ସିଟିର ବିଶେଷଜ୍ଞମାନେ ସତର୍କ କରାଇ ଦେଇଛନ୍ତି। ଏଥିପାଇଁ ବ୍ୟବହାର କରାଯାଉଥିବା କେତେକ ରଙ୍ଗରେ ଏପରି ରାସାୟନିକ ତତ୍ତ୍ୱ ରହିଛି, ଯାହା ସ୍ୱାସ୍ଥ୍ୟଜନିତ ସମସ୍ୟା ସୃଷ୍ଟି କରିପାରେ। ଏପରି କି ଏହାଦ୍ୱାରା ସ୍କିନ୍ କ୍ୟାନ୍‌ସର ହେବାର ଆଶଙ୍କା ରହିଛି ବୋଲି ଗବେଷଣାରୁ ଜଣାପଡ଼ିଛି। କେବଳ ସେତିକି ନୁହେଁ, ଏହି ରଙ୍ଗ ହେପାଟାଇଟିସ୍ ବି ରୋଗର କାରଣ ସାଜିପାରେ ବୋଲି ରିପୋର୍ଟରେ ଉଲ୍ଲେଖ କରାଯାଇଛି।



# ଗ୍ରୀନ୍‌ଲ୍ୟାଣ୍ଡରେ ଦେଖାଯାଆନ୍ତି ନାହିଁ ପିମ୍ପୁଡ଼ି

ପୃଥିବୀର ଏମିତି କିଛି ସ୍ଥାନ ଅଛି ଯେଉଁଠି ପିମ୍ପୁଡ଼ି ଦେଖିବାକୁ ମିଳେନାହିଁ। ପରିସଂଖ୍ୟାନ ଅନୁସାରେ ପୃଥିବୀରେ ୧୨ ହଜାରରୁ ଅଧିକ ପ୍ରଜାତିର ପିମ୍ପୁଡ଼ି ବାସ କରନ୍ତି। ସେମାନଙ୍କ ମଧ୍ୟରୁ ଅଧିକାଂଶ କଳା, ବାଦାମୀ ଓ ନାଲି ରଙ୍ଗର। ବିଶ୍ୱରେ ଦେଖାଯାଉଥିବା ଅନେକ ପିମ୍ପୁଡ଼ି ମଧ୍ୟରୁ କିଛି ବିଷାକ୍ତ ମଧ୍ୟ ଅଛନ୍ତି। ବିଶ୍ୱରେ ଏପରି ଏକ ସ୍ଥାନ ଅଛି ଯେଉଁଠାରେ ଗୋଟିଏ ବି ପିମ୍ପୁଡ଼ି ଦେଖିବାକୁ ମିଳେ ନାହିଁ। ଏହା ହେଉଛି ଗ୍ରୀନ୍‌ଲ୍ୟାଣ୍ଡ୍। ଏହା ବିଶ୍ୱର ସବୁଠାରୁ ବଡ଼ ଦ୍ୱୀପ। ଏଠାକାର ଜଳବାୟୁ ବହୁତ ଥଣ୍ଡା କାରଣରୁ ଏଠାରେ ପିମ୍ପୁଡ଼ି ବଞ୍ଚିପାରନ୍ତି ନାହିଁ। ବୈଜ୍ଞାନିକମାନଙ୍କ କହିବା ଅନୁଯାୟୀ ଥଣ୍ଡା ପାଣିପାଗ ଏବଂ ଜଳବାୟୁ ପିମ୍ପୁଡ଼ି ଉପରେ ନକାରାତ୍ମକ ପ୍ରଭାବ ପକାଇଥାଏ।






# ଆର୍.ଆର୍.ଟି.ସି ପକ୍ଷରୁ ବିଶ୍ୱ ବରିଷ୍ଠ ନାଗରିକ ଦିବସ ପାଳନ ଅବସରରେ ଆଠ ଦିନିଆ ୱେବିନାର ବ୍ୟୋଜ୍ୟେଷ୍ଠ ବ୍ୟକ୍ତିଙ୍କ ଦ୍ୱାରା ଉଦ୍‌ଘାଟିତ

ଭୁବନେଶ୍ୱର(ପିଏନ)- ଆଜି ଏନ୍.ଆର୍.ସି.ଡବ୍ଲ୍ୟୁ.ଡି ଦ୍ୱାରା ପରିଚାଳିତ ଆର୍.ଆର୍.ଟି.ସି ତରଫରୁ ସାମାଜିକ ନ୍ୟାୟ ଓ ଅଧିକାରିତା ମନ୍ତ୍ରାଳୟ, ଭାରତ ସରକାରଙ୍କ ସହଯୋଗରେ ଭୁବନେଶ୍ୱରସ୍ଥ ଆର୍.ଆର୍.ଟି.ସି ସଭାଗୃହରେ ବିଶ୍ୱ ବରିଷ୍ଠ ନାଗରିକ ଦିବସ ପାଳନ ଅବସରରେ ପଦ୍ମଶ୍ରୀ ଡକ୍ଟର ପ୍ରଫୁଲ୍ଲ କୁମାର ଜେନା ଓ ଡକ୍ଟର ସେବା ମହାପାତ୍ରଙ୍କ ଦ୍ୱାରା ଆନୁଷ୍ଠାନିକ ଭାବେ ଗୁଗୁଲ୍ ମିଟ୍ ଜରିଆରେ ଆଠଦିନିଆ ୱେବିନାର୍ ଶୁଭ ଉଦ୍‌ଘାଟିତ ହୋଇଯାଇଛି । ଉକ୍ତ ୱେବିନାର୍‌ରେ ଅନ୍ୟୁନ ୪୦ରୁ ୫୦ ଲୋକ ଯଥା ବ୍ୟୋଜ୍ୟେଷ୍ଠ ବ୍ୟକ୍ତି, ସ୍ୱେଚ୍ଛାସେବୀ ସଙ୍ଗଠନର କର୍ମକର୍ତ୍ତା, ବରିଷ୍ଠ ନାଗରିକ ବାସସ୍ଥାନର ଅନ୍ତେବାସୀଗଣ, ସାମାଜିକ କର୍ମୀ, ଗଣମାଧ୍ୟମ ପ୍ରତିନିଧିବୃନ୍ଦ, ସରକାରୀ କର୍ମଚାରୀ ବୃନ୍ଦ, ସ୍ୱେଚ୍ଛାସେବୀମାନେ ଅଂଶଗ୍ରହଣ କରିଥିଲେ । ଆୟୋଜିତ ହୋଇଥିବା ଏହି ୱେବିନାର୍‌ରେ ମୁଖ୍ୟ ଅତିଥି ଭାବେ ପଦ୍ମଶ୍ରୀ ଡଃ ପ୍ରଫୁଲ୍ଲ କୁମାର ଜେନା ଯୋଗଦାନ କରିଥିବା ବେଳେ ଡକ୍ଟର ସେବା ମହାପାତ୍ର ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ । ଏହି ଅବସରରେ ଡକ୍ଟର ଜେନା କହିଲେ ଯେ, ସେ ୯୦ ବର୍ଷରେ ପହଂଚିଥିଲେ ମଧ ଏବେ ବୈଦିକ ଓ ଦୈନିକ କାର୍ଯ୍ୟକ୍ରମରେ ନିଜର ଅଭ୍ୟାସ ଅବ୍ୟାହତ ରଖିଛନ୍ତି । ଏତଦ୍ ବ୍ୟତୀତ ସେ ଗୁରୁତ୍ୱର ସହ କହିଥିଲେ ଯେ, ବରିଷ୍ଠ ନାଗରିକଙ୍କର ଅଭିଜ୍ଞତାକୁ ପାଥେୟ କରି ସାମାଜିକ ସେବା, ଜ୍ଞାନକୌଶଳର ବିକାଶ, ସ୍ୱାସ୍ଥ୍ୟସେବା, ଶିକ୍ଷାପ୍ରଦାନ, ବୃକ୍ଷରୋପଣ ଆଦି କାର୍ଯ୍ୟରେ ନିୟୋଜିତ କରାଯିବା ଉଚିତ୍ । ୬୦ବର୍ଷରେ ଅବସର ଗ୍ରହଣ କଲେ ମଧ ବହୁ ବରିଷ୍ଠ କର୍ମଚାରୀ ଆଗକୁ କାମ କରିବାର ଦକ୍ଷତା ଥିବାଯୋଗୁଁ ସେମାନଙ୍କୁ ବିଭିନ୍ନ କାର୍ଯ୍ୟରେ ନିୟୋଜିତ କରିବା ଉଚିତ୍ । ଠିକ୍ ସେହିପରି ଡକ୍ଟର ମହାପାତ୍ର ଅବଗତ କରାଇଥିଲେ ଯେ, ସମଗ୍ର ବିଶ୍ୱରେ ୨୦୫୦ମସିହା ସୁଦ୍ଧା ବରିଷ୍ଠନାଗରିକଙ୍କ ସଂଖ୍ୟା ୧୫୦କୋଟିରେ ପହଂଚିବ । ଏପରି ଆକଳନରୁ ଜଣାଯାଉଛି ଯେ, ୨୦୫୦ମସିହା ବେଳକୁ ବରିଷ୍ଠନାଗରିକଙ୍କ ସଂଖ୍ୟା ଭାରତବର୍ଷରେ ମୋଟ୍ ଜନସଂଖ୍ୟାର ଶତକଡା ୨୦ପ୍ରତିଶତ ବୃଦ୍ଧି ପାଇବ । ଏହାଛଡା କୋଭିଡ୍ ମହାମାରୀ ସମୟରେ ବରିଷ୍ଠ ନାଗରିକମାନଙ୍କର ଯଥେଷ୍ଟ ସ୍ୱାସ୍ଥ୍ୟର ଯତ୍ନର ଆବଶ୍ୟକତା ରହିଛି ବୋଲି ସେ ଗୁରୁତ୍ୱାରୋପ କରିଥିଲେ । ଏଠାରେ ପ୍ରକାଶ ଯୋଗ୍ୟ ଯେ, ଭାରତ ସରକାରଙ୍କ ସାମାଜିକ ନ୍ୟାୟ ଓ ଅଧିକାରିତା ମନ୍ତ୍ରାଳୟର ଅତିରିକ୍ତ ସଚିବ ଶ୍ରୀମତୀ ଉପମା ଶ୍ରୀବାସ୍ତବ ସମ୍ମାନୀତ ଅତିଥିଭାବେ ଯୋଗ ହେବାର କାର୍ଯ୍ୟକ୍ରମ ଥିଲା ମାତ୍ର କିଛି ଯାନ୍ତ୍ରିକ ତୃଟି ଯୋଗୁଁ ସେ ଆଜିର କାର୍ଯ୍ୟକ୍ରମରେ ଯୋଗ ଦେଇ ପାରି ନ ଥିଲେ କିନ୍ତୁ ଆସନ୍ତା କାଲିର କାର୍ଯ୍ୟକ୍ରମରେ ସେ ଯୋଗ ଦେବେ ବୋଲି ନିର୍ଭର ପରତିଶୃତି ଦେଇଛନ୍ତି । ଏହି ୱେବିନାର୍ ଦୀର୍ଘ ଆଠ ଦିନ ଧରି ପ୍ରତ୍ୟହ ପୂର୍ବାହ୍ନ ୧୧ଟାରୁ ଦିବା ୧ଘଟିକା ପର୍ଯ୍ୟନ୍ତ ଗୁଗୁଲ୍ ମିଟ୍ ଜରିଆରେ ବରିଷ୍ଠ ନାଗରିକଙ୍କ ବିଭିନ୍ନ ମୁଦ୍ଦାକୁ ନେଇ ଅଭିଜ୍ଞ ରିସୋର୍ସ ପର୍ସନମାନଙ୍କ ଦ୍ୱାରା ଆଲୋଚନା କରାଯିବ । ଏହି ଆଲୋଚନାରେ ଭାଗ ନେବାକୁ ଚାହୁଁଥିବା ବ୍ୟକ୍ତିମାନେ ନିମ୍ନୋକ୍ତ ଲିଙ୍କ୍‌ରେ ଯୋଗ ଦେବାକୁ ଅନୁରୋଧ । ଲିଙ୍କ୍‌ଟି ହେଉଛି- https://meet.google.com/mfz-zcin-vpg । ଏହି କାର୍ଯ୍ୟକ୍ରମକୁ ବରିଷ୍ଠ ସାମ୍ବାଦିକ ତଥା ସ୍ତମ୍ଭକାର ଶ୍ରୀଯୁକ୍ତ ନାଗେଶ୍ୱର ପଟ୍ଟନାୟକ ସଂଚାଳନ କରିଥିଲେ ଓ ଆଶା ପ୍ରକାଶ କରି କହିଥିଲେ ଯେ, ଭାରତ ସରକାର ଆଣୁଥିବା ନୂତନ ନାଗରିକ ନୀତି ନିଶ୍ଚୟ ପ୍ରଗତିଶୀଳ ହେବ । ଏହି ୱେବିନାର୍‌ରେ ଆଲୋଚିତ ହେବାକୁ ଥିବା ବିଷୟବସ୍ତୁ ଗୁଡିକୁ ଆଗାମୀ ସାତ ଦିନରେ ବରିଷ୍ଠ ଆଇନଜିବୀ ସଂଜିବ୍ ରାଉତ, ସିଦ୍ଧାର୍ଥ ଦାସ, ହେଲପ୍ ଏଜ୍ ଇଣ୍ଡିଆର ରାଜ୍ୟ ମୁଖ୍ୟ ଶ୍ରୀମତୀ ଭାରତୀ ଚକ୍ର, ବିଶିଷ୍ଟ ମନୋତତ୍ୱବିଦ୍ ଡକ୍ଟର ପ୍ରକାଶ ରଥ, ଡକ୍ଟର ଅରବିନ୍ଦ ମହାନ୍ତି, ଡକ୍ଟର ହରିଶ୍ ଚୌଧୁରୀ, ଡକ୍ଟର ଅମୃତ୍ ପଟ୍ଟଯୋଶୀ, ଡକ୍ଟର ବିଶ୍ୱଭୂଷଣ ପ୍ରଧାନ, ଡକ୍ଟର ଅମ୍ଳାନ୍ ମାଇତି, ଡକ୍ଟର ଝରଣା ସ୍ୱାଇଁ, ବରିଷ୍ଠ ରାଜନୀତି ବିଜ୍ଞାନୀ ତଥା ପ୍ରଫେସର୍ ସୂର୍ଯ୍ୟନାରାୟଣ ମିଶ୍ର, ଅବସରପ୍ରାପ୍ତ ଆଇ.ଏ.ଏସ୍ ଅଫିସର୍ ଶ୍ରୀ ଯୁଗଳ କିଶୋର ମହାପାତ୍ର ଓ ଶ୍ରୀ ବିବେକ ପଟ୍ଟନାୟକ , ବରିଷ୍ଠ ସମାଜସେବୀ ଇମ୍ରାନ୍ ଅଲ୍ଲୀ ଓ ଶ୍ରୀମତୀ ଗୀତା ପ୍ରହରାଜ ପ୍ରମୁଖ ରିସୋର୍ସ ପର୍ସନ ଭାବେ ଆଲୋଚନାରେ ଅଂଶଗ୍ରହଣ କରି ଅତି ପ୍ରାଞ୍ଜଳ ଭାବେ ବିଷୟଗୁଡିକୁ ଅଂଶଗ୍ରହଣକାରୀଙ୍କ ସମ୍ମୁଖରେ ଉପସ୍ଥାପନ କରିବେ ବୋଲି ନିର୍ଭର ପ୍ରତିଶୃତି ଦେଇଛନ୍ତି । ଏହି ୱେବିନାର୍‌ରେ ଅଧିକ ସଂଖ୍ୟାରେ ଭାଗ ନେଇ ୱେବିନାର୍‌କୁ ସଫଳ କରିବାକୁ ଆୟୋଜକ ଆଶା ପ୍ରକାଶ କରିଛନ୍ତି । ଶେଷରେ ଏନ୍.ଆର୍.ସି ଡବ୍ଲ୍ୟୁ.ଡିର ସମ୍ପାଦକ ଶ୍ରୀଯୁକ୍ତ ସୁକାନ୍ତ ପରିଡା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିବା ବେଳେ ଆର୍.ଆର୍.ଟି.ସିର ପ୍ରକଳ୍ପ ସଂଯୋଜିକା ବାସନ୍ତୀ ବେହେରା ୱେବିନାର୍‌କୁ ସୁଚାରୁରୂପେ ପରିଚାଳନା କରିଥିଲେ ।







## ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱ ବିଦ୍ୟାଳୟରେ ଜାତୀୟ ସମ୍ମିଳନୀ

ଫୁଲନଖରା,(ପି.ଏନ): ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱ ବିଦ୍ୟାଳୟ କଟକ ଆନୁକୂଲ୍ୟରେ ଫୁଲନଖରା ନିକଟ ଅନନ୍ତପୁରସ୍ଥିତ ବିଶ୍ୱଶାନ୍ତି ସରୋବରଠାରେ ସମୟର ଆହ୍ୱାନ - ସକରାତ୍ମକ ଦ୍ୱାରା ଉତ୍ପାଦନ ବୃଦ୍ଧି ଏକ ଦିବସୀୟ ଜାତୀୟ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା ବ୍ରହ୍ମାକୁମାରୀ ଭଗିନୀ ସଂସ୍ଥା ସାଇଣ୍ଟିଷ୍ଟସ୍ , ଇଞ୍ଜିନିୟରର୍ସ ଏବଂ ଆର୍କିଟେକ୍ଟ (ଏସଇଏ ) ପ୍ରଭାଗ ଦ୍ୱାରା ଆୟୋଜିତ ଏହି ସମ୍ମିଳନୀରେ ବିଶେଷକ ବର୍ତ୍ତମାନର ଆଧୁନିକ ସମାଜରେ ଉତ୍ପାଦନ ବୃଦ୍ଧିରେ ସକରାତ୍ମକ ପ୍ରଭାବ ସଂପର୍କରେ ଆଲୋଚନା ହୋଇଥିଲା । ଏହି ସମ୍ମିଳନୀରେ ରାଜ୍ୟ ବିଜ୍ଞାନ ଓ ପ୍ରଯୁକ୍ତି ବିଭାଗ ମନ୍ତ୍ରୀ ଭ୍ରାତା କୃଷ୍ଣଚନ୍ଦ୍ର ପାତ୍ର ମୁଖ୍ୟ ଅତିଥି ଭାବେ ଯୋଗ ଦେଇ କହିଥିଲେ ଯିଏ ସମୟର ମୂଲ୍ୟକୁ ବୁଝିପାରେ ସେ ତା ଜୀବନରେ ସବୁ ପ୍ରକାର ସଫଳତା ପ୍ରାପ୍ତ କରିପାରେ । ତତସହିତ ଏକ କାହାଣୀ ମାଧ୍ୟମରେ ଈଶ୍ୱରଙ୍କ ଅବସ୍ଥିତି ସମ୍ବନ୍ଧରେ ଆଲୋକପାତ କରିବା ସହ ନିଜେ ପ୍ରତି ଦିନ ଅତି କମରେ ୧୫ ମିନିଟ୍ ଯୋଗ ଅଭ୍ୟାସ କରୁଛନ୍ତି ବୋଲି କହିଥିଲେ । ଏଥିରେ ସାରା ଭାରତର ବିଭିନ୍ନ ପ୍ରାନ୍ତର ତଥା ଓଡ଼ିଶାର ଅନେକ ବୈଜ୍ଞାନିକ , ଅଭିଜ୍ଞତା ଏବଂ ସ୍ଥପତି ଯୋଗଦାନ କରିଥିଲେ । ସଂସ୍ଥାର ଅତିରିକ୍ତ ମୁଖ୍ୟ ନିର୍ଦ୍ଦେଶିକା ବ୍ରହ୍ମାକୁମାରୀ ସୁଲୋଚନା ଅତିଥିମାନଙ୍କୁ ସ୍ୱାଗତ କରିଥିଲେ । କଟକ ସବଜୋନର ମୁଖ୍ୟ ସଂଚାଳିକା ରାଜଯୋଗିନୀ ବ୍ରହ୍ମାକୁମାରୀ ଡ଼ଃ କମଳେସ ଓଡ଼ିଶାରେ ସଂସ୍ଥାର ସ୍ଥାପନା ସମୟର ଅନୁଭୂତି ବର୍ଣ୍ଣନା କରିଥିଲେ । ପ୍ରଭାଗର ଅଧ୍ୟକ୍ଷ ରାଜଯୋଗୀ ବ୍ରହ୍ମାକୁମାର ମୋହନ ସିଙ୍ଗଲ ଉତ୍ପାଦନ ବୃଦ୍ଧି ପାଇଁ ଆନ୍ତରିକ ଓ ବାହ୍ୟ ସକରାତ୍ମକତାର ଆବଶ୍ୟକତା ଉପରେ ମତ ପ୍ରଦାନ କରିଥିଲେ । ପ୍ରଭାକର ଜାତୀୟ ସଂଯୋଜକ ରାଜଯୋଗୀ ବ୍ରହ୍ମାକୁମାର ଭାରତ ଭୂଷଣ ଦୁନିଆଁରେ ସମସ୍ତଙ୍କୁ ସନ୍ତୁଷ୍ଟ କରିବା , ନମ୍ର ହୋଇ ସମସ୍ତଙ୍କ ସମ୍ମାନ କରିବା ଏବଂ ପ୍ରତିଦିନ ରାଜଯୋଗ ଅଭ୍ୟାସ ଦ୍ୱାରା ସଂକଳ୍ପକୁ ସକାରାତ୍ମକ କରିବା ସହ ଈଶ୍ୱରୀୟ ଗୁଣ ଧାରଣ କରିବା ଆବଶ୍ୟକ ବୋଲି କହିଥିଲେ । ରାଜଯୋଗ ଶିକ୍ଷିକା ବ୍ରହ୍ମାକୁମାରୀ ଅଞ୍ଜଳି ରାଜଯୋଗ ଅନୁଭୂତି ସଂପର୍କରେ ବର୍ଣ୍ଣନା କରିଥିଲେ । ରାଉରକେଲା ଷ୍ଟିଲ ପ୍ଲାଣ୍ଟର ଅତିରିକ୍ତ ଜେନେରାଲ ମ୍ୟାନେଜର ବ୍ରହ୍ମକୁମାର ଅରୁଣ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । କୁମାରୀ ଶିଖା ,ଅଙ୍କିତା ସ୍ୱାଗତ ନୃତ୍ୟ କରିଥିଲାବେଳେ ବ୍ରହ୍ମକୁମାର ମୋହନ ଧନ୍ୟବାଦ ଅର୍ପଣ କରିଥିଲେ ଏବଂ ବ୍ରହ୍ମାକୁମରୀ ସଂଧ୍ୟା ଓ ଦେବସ୍ମିତା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

### ୨ବର୍ଷର ଝିଅ ଦେହରେ ୨୮ ଥର ବ୍ୟାଣ୍ଡେଜ ଘଟଣା

## ଚିକିତ୍ସା ପାଇଁ ପ୍ରଶାସନର ପ୍ରସ୍ତୁତି ଆରମ୍ଭ

କନ୍ଧମାଳ,(ପିଏନ)- ଦାରିଙ୍ଗବାଡ଼ି ବ୍ଲକ ହାତୀମୁଣ୍ଡା ପଂଚାୟତ ଅର୍ନ୍ତଗତ ଡାହୁ ଗ୍ରାମର ୨ବର୍ଷର ଝିଅ ସାଲୁନିକା ପ୍ରଧାନ । ଜନ୍ମ ହେବାର ୧୩ଦିନ ପର ଠାରୁ ଝିଅକୁ କେହି ଧରିଲେ ଦେହର ହାଡ଼ଗୁଡ଼ିକ ଭାଙ୍ଗିଯାଉଛି । ସେଥିପାଇଁ ୨ବର୍ଷର ଝିଅର ହାତ, ଗୋଡ଼ ସମେତ ଶରୀରର ବିଭିନ୍ନ ଅଙ୍ଗରେ ୨୮ଟି ବ୍ୟାଣ୍ଡେଜ୍ ପଡ଼ିଛି । ଏନେଇ ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶ ପାଇବା ପରେ ସାଲୁନିକାର ସମସ୍ତ ଚିକିତ୍ସା ମାଗଣାରେ କରିବା ପାଇଁ କଟକ ଜିଲ୍ଲା ଓଲଟପୁର ସ୍ଥିତ ସ୍ୱାମୀ ବିବେକାନନ୍ଦ ଜାତୀୟ ପୁର୍ନବାସ ପ୍ରଶିକ୍ଷଣ ଓ ଅନୁସନ୍ଧାନ ସଂସ୍ଥା(ନିରତାର୍) ନିଜ ତରଫରୁ ଏନେଇ କନ୍ଧମାଳ ଜିଲ୍ଲା ପ୍ରଶାସନକୁ ଚିଠି ଲେଖିଛନ୍ତି । ନିରତାର୍‌ର ନିର୍ଦ୍ଦେଶକ ଡାକ୍ତର ଶକ୍ତି ପ୍ରସାଦ ଦାସ ସାଲୁନିକାର ଏଭଳି ବିରଳ ରୋଗ ସମ୍ପର୍କରେ ଗଣମାଧ୍ୟମରୁ ଜାଣିବା ପରେ ସଂସ୍ଥାର ବୈଷୟିକ ନିର୍ଦ୍ଦେଶକ କିଶୋର ଚନ୍ଦ୍ର ମହାପାତ୍ରଙ୍କ ସହିତ ଆଲୋଚନାକରିଥିଲେ ।ଏହାପରେ ସେ ଫୁଲବାଣୀ ଜିଲ୍ଲା ଭିନ୍ନକ୍ଷମ ଥଇଥାନ କେନ୍ଦ୍ର(ଡିଡିଆରସି)ର ଅଧିକ୍ଷକ ଅକ୍ଷୟ କୁମାର ପଣ୍ଡାଙ୍କ ସହିତ ଯୋଗାଯୋଗ କରି ସାଲୁନିକାକୁ ଓଲଟପୁରକୁ ପଠାଇବାର ବ୍ୟବସ୍ଥା କରିବାକୁ ଅନୁରୋଧ କରିଥିଲେ ।ପରେ ସେ କନ୍ଧମାଳ ଜିଲ୍ଲାପାଳଙ୍କୁ ମଧ ଏକ ଚିଠିଲେଖି ପୀଡ଼ିତା ଝିଅକୁ ସଂସ୍ଥାକୁ ପଠାଇଲେତାହାର ଚିକିତ୍ସା ସଂସ୍ଥା ତରଫରୁ ସମ୍ପୁର୍ଣ୍ଣ ମାଗଣାରେ କରାଯିବ ବୋଲି କହିଛନ୍ତି । ସଂସ୍ଥା ଠାରୁ ଚିଠି ପାଇବା ପରେ ଜିଲ୍ଲାପାଳ ମଧ ତୁରନ୍ତ ତତ୍ପରତା ପ୍ରକାଶ କରି ଜିଲ୍ଲା ଚିକିତ୍ସାଧିକାରୀଙ୍କୁ ପଦକ୍ଷେପ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ରାଷ୍ଟ୍ରୀୟ ବାଲ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ଜରିଆରେ ଖୁବ ଶୀଘ୍ର ପୀଡ଼ିତା ଝିଅ ସାଲୁନିକାକୁ ଓଲଟପୁର ସ୍ଥିତ ନିରତାର୍ କୁ ପଠାଇବା ବ୍ୟବସ୍ଥା କରୁଥିବା ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀ ରାଜଶ୍ରୀ ପଟ୍ଟନାୟକ ସୂଚନା ଦେଇଛନ୍ତି । ଏଭଳି ସ୍ଥଳେ ଆସନ୍ତା ସୋମବାର କିମ୍ବା ମଙ୍ଗଳବାର ଦିନ ସାଲୁନିକାର ଚିକିତ୍ସା ପାଇଁ କଟକ ସ୍ଥିତ ଓଲଟପୁରକୁ ନିଆଯିବ ବୋଲି ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି ।

## ଆଦର୍ଶ ଚାଷୀ ଏକାକୀ ମହିଳା ମିତା ପ୍ରଧାନ ଆତ୍ମନିର୍ଭରଶୀଳ ହୋଇଛନ୍ତି ଆକ୍ସନଏଡ ସହାୟତାରେ

କନ୍ଧମାଳ,(ପିଏନ)- କନ୍ଧମାଳ ଜିଲ୍ଲାର ଦାରିଙ୍ଗବାଡି ଅଂଚଳରେ ଥିବା ସୁନ୍ଦରଗଡ ଗାଁରେ ଆତ୍ମନିର୍ଭରଶୀଳ ହୋଇଛନ୍ତି ସେହି ଗାଁର ଏକାକୀ ମହିଳା ମିତା ପ୍ରଧାନ । ସ୍ୱେଚ୍ଛାସେବୀ ଅନୁଷ୍ଠାନ ଆକ୍ସନଏଡ୍ ସହାୟତାରେ ସେ ନିର୍ଭରଶୀଳ ହୋଇ ହୋଇପାରିଛନ୍ତି ଜଣେ ସଫଳ ଚାଷି ଅନୁଷ୍ଠାନ ତରଫରୁ ତାଙ୍କୁ ପ୍ରଦାନ କରାଯାଇଥିଲା ୫ ହଜାର ଟଙ୍କା ସେଥିରୁ ସେ ତାଙ୍କ ଜମିରେ ଆରମ୍ଭ କରିଛନ୍ତି ବନ୍ଧାକୋବି ଓ ବାଦାମ ଚାଷ ସେଥିରେ ସେ ବର୍ତମାନ ଅଂଚଳର ଜଣେ ସଫଳ ଚାଷି ସାଜିଛନ୍ତି । ୨୦୧୮ ମସିହାରେ କୌଣସି କାରଣ ବସତଃ ଅସୁସ୍ଥ ହେବାପରେ ସ୍ୱାମୀ ମିଳନ ପ୍ରଧାନଙ୍କ ଦେହାନ୍ତ ହେବାପରେ ୨ ବର୍ଷ ଏବଂ ୫ ବର୍ଷର ଦୁଇଟି କନ୍ୟା ସନ୍ତାନକୁ ନେଇ କିପରି ଚଳିବେ ତାହା ତାଙ୍କ ପାଇଁ ହୋଇଥିଲା ଏକ ବଡ ଆହ୍ୱାନ କିପରି ପରିବାର ପୋଷଣ କରିବେ ଏବଂ ତାଙ୍କର ଝିଅମାନଙ୍କୁ କିପରି ବଡ କରିବେ ତାହା ସାଜିଥିଲା ବଡ ଚିନ୍ତ । ବର୍ତମାନ ତାଙ୍କ ପାଖରେ ଥିବା ପ୍ରାୟ ୩ ଏକରରୁ ଅଧିକ ଚାଷ ଜମିରେ କରିଛନ୍ତି ସେ ବନ୍ଧାକୋବି, ବାଦାମ ଓ ବିଭିନ୍ନ ପନିପରିବା ଚାଷ ଏବଂ ସେଥିରେ ତାଙ୍କର ପରିବାରର ଅର୍ଥିକ ଉନ୍ନତି ହେବାସହିତ ସେ ମଧ୍ୟ ଜଣେ ଏକାକି ଆତ୍ମନିର୍ଭରଶୀଳ ମହିଳା ହୋଇ ତାଙ୍କପରି ଏକାକୀ ମହିଳା ମାନଙ୍କ ପାଇଁ ଉଦାହରଣ ସାଜିଛନ୍ତି । ତେବେ ତାଙ୍କ ଭଳି ଦାରିଙ୍ଗବାଡି ଅଂଚଳରେ ଥିବା ଆଉ ୧୧ ଜଣ ଏକାକୀ ମହିଳାଙ୍କୁ ଆକ୍ସନଏଡ ତରଫରୁ ୫ ହାଜର ଟଙ୍କା ଲେଖାଏଁ ପ୍ରାଦାନ କରାଯିବାସହିତ ସେମାନଙ୍କୁ ସେମାନଙ୍କର ଇଛା ଓ ସୁବିଧା ଅନୁସାରେ ଛେଳିଚାଷ, ପନିପରିବା ଚାଷ, ମାଣ୍ଡିଆ ଚାଷ ଏବଂ ସିଆଳି ଖଲି ତିଆରି କରିବା ଭଳି ବିଭିନ୍ନ ଆତ୍ମନିର୍ଭରଶୀଳ କାମ କରି ସ୍ୱାଲମ୍ବୀ ହୋଇପାରିଛନ୍ତି । ଦାରିଙ୍ଗବାଡି ସମେତ କନ୍ଧମାଳ ଜିଲ୍ଲାରେ ଆକ୍ସନଏଡ ତରଫରୁ ଫୁଲବାଣୀ, ତୁମୁଡିବନ୍ଧ ଓ ଘୁ.ଉଦୟଗିରି ଅଂଚଳରେ ଏହିପରି ୩୧ ଜଣ ମହିଳାଙ୍କୁ ସାମାନ୍ୟ ଅର୍ଥିକ ସହାୟତା ଯୋଗାଇ ଦେବାସହିତ ସେମାନଙ୍କୁ ତାଙ୍କର ସୁବିଧା ଅନୁସାରେ କାମକରି ସେମାନଙ୍କୁ ମଧ୍ୟ ଆତ୍ମନିର୍ଭରଶୀଳ କରିବା ପାଇଁ ଉଦ୍ୟମ କରାଯାଉଛି । ସେମାନେ ମଧ୍ୟ ସେମାନଙ୍କର ପ୍ରଚେଷ୍ଟାରେ ବିଭିନ୍ନ କାର୍ଯ୍ୟ ମାଧ୍ୟମରେ ସେମାନଙ୍କ ପରିବାରର ଆର୍ଥିକ ଅଭିବୃଦ୍ଧି କରିବାରେ ଲାଗିଛନ୍ତି ବୋଲି ଦାରିଙ୍ଗବାଡି ଅଂଚଳରେ କାର୍ଯ୍ୟରତ ଆକ୍ସନଏଡର ଧନେଶ୍ୱର ସାହୁ କହିଛନ୍ତି ।

## ବିକ୍ରି ପାଇଁ ଦୋକାନ ରେ ରଖିଥିବା ପେଟ୍ରୋଲରୁ ନିଆଁ ଲାଗି ଦୋକାନ ଧୂଳିସାତ

ମାଲକାନଗିରି, (ପିଏନ)- ମାଲକାନଗିରି ଜିଲ୍ଲା କୋରୁକୋଣ୍ଡା ବ୍ଲକ ଅନ୍ତର୍ଗତ ପୋଟ୍ରେଲ ଛକ ଠାରେ ଥିବା ରାଜୁ ପାଙ୍ଗୀଙ୍କ ଦୋକାନରେ ନିଆଁ ଲାଗି ଦୋକାନଟି ସମ୍ପୂର୍ଣ ପୋଡି ଧୂଳିସାତ ହୋଇଯାଇଛି । ଦୋକାନ ରେ ଥିବା ପ୍ରାୟ ୭୦ ହଜାର ଟଙ୍କାର ଦୋକାନ ସାମଗ୍ରୀ ସହିତ ବହୁ ଆସବା ପତ୍ରପୋଡି ପାଉଁଶ ହୋଇଯାଇଛି ।ସ୍ଥାନୀୟ ଲୋକମାନେ ନିଆଁକୁ ଆୟତ କରିବାକୁ ଉଦ୍ୟମ କରିଥିଲେ ହେଲେ ନ ପାରିବାରୁ ଏ ସମ୍ପର୍କରେ କୋରୁକୋଣ୍ଡା ଅଗ୍ନିଶମ ବିଭାଗ କୁ ଖବର ଦେଇଥିଲେ !ଅଗ୍ନିଶମ କର୍ମଚାରୀମାନେ ଘଟଣା ସ୍ଥଳରେ ପହଂଚି ଦୀର୍ଘ ସମୟ ଧରି ସଂଘର୍ଷ କରିବାପରେ ନିଆଁକୁ ଆୟତର କରିବାରେ ସଫଳ ହୋଇଥିଲେ ।ମିଳିଥିବା ସୂଚନା ଅନୁଯାୟୀ ଦୋକାନରେ ବିକ୍ରୀ କରିବା ନିମନ୍ତେ ଏକ ପ୍ଲାଷ୍ଟିକ ଜାରକିନ ରେ ପ୍ରାୟ ୬୦ ଲିଟର ପେଟ୍ରୋଲ ରଖିଥିଲେ ତେବେ କୋଣସି କାରଣରୁ ଜାରକିନ ରେ ନିଆଁ ଲାଗିଯାଇଥିଲା । ଫଳରେ ପେଟ୍ରୋଲର ନିଆଁ ଉଗ୍ରରୂପ ନେବା ସହ ସମଗ୍ର ଦୋକାନ କୁ ପୋଡି ଜାଳି ଦେଲା ।ଏହି ଅଗ୍ନିକାଣ୍ଡରେ ଲୋକଙ୍କ କିଛି କ୍ଷତି ହୋଇନାହିଁ । ଜିଲ୍ଲାର ବିଭିନ୍ନ ଅଂଚଳରେ ଅନେକ ପେଟ୍ରୋଲ ଟାଙ୍କି ରହିଛି । ହେଲେବି ଜିଲ୍ଲାର ବିଭିନ୍ନ ଅଂଚଳରେ କିଛି ଅସାଧୁ ବ୍ୟବସାୟୀ ନିଜ ନିଜର ଦୋକାନ ସମ୍ମୁଖରେ ବେଆଇନ ଭାବେ ପେଟ୍ରୋଲ ଓ ଡିଜେଲ ଖୋଲା ଖୋଲି ବିକ୍ରି କରୁଛନ୍ତି । ପୋଲିସ କିମ୍ୱା ଜିଲ୍ଲା ଯୋଗାଣ ବିଭାଗର ଅଧିକାରୀ ମାନେ ନିରବ ଦ୍ରଷ୍ଟା ସାଜିଛନ୍ତି । ବେଆଇନ ଭାବେ ପେଟ୍ରୋଲ ଓ ଡିଜେଲ ବିକୁଥିବା ବ୍ୟବସାୟୀ ମାନଙ୍କ ବିରୁଦ୍ଧରେ କୌଣସି ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନ ଥିବା ଯୋଗୁଁ ଏଭଳି ଅଗ୍ନିକାଣ୍ଡ ଘଟୁଥିବା ଅଂଚଳ ବାସୀ ଅଭିଯୋଗ କରିଛନ୍ତି ।ତେବେ ଯୋଗାଣ ବିଭାଗର ଅଧିକାରୀ ଓ ପୋଲିସ ପ୍ରଶାସନ ପକ୍ଷରୁ ତୁରନ୍ତ ଏ ଦିଗରେ ପଦକ୍ଷେପ ନେବାକୁ ଜିଲ୍ଲାବାସୀ ଦାବୀ କରିଛନ୍ତି !

## ୩ ବର୍ଷ ହେଲା ଭାଙ୍ଗି ଯାଇଥିବା କସଲକୋଣ୍ଡା ବ୍ରିଜ ଓ ରାସ୍ତା ମରାମତି ପାଇଁ ଦାବୀ

ମାଲକାନଗିରି, (ପିଏନ)-ଗତ ୩ ବର୍ଷ ତଳେ ମାଲକାନଗିରି ଜିଲ୍ଲା କାଲିମେଲା ବ୍ଲକ ଚିନ୍ତଲବାଡା ପଂଚାୟତ କସଲକୋଣ୍ଡା ଗାଁ ମୁଖ୍ୟ ରାସ୍ତା କୁ ସଂଯୋଗ କରୁଥିବା ଗମ୍ପାକୋଣ୍ଡା କେନାଲ ରାସ୍ତାରୁ ଯାଇଥିବା ଗ୍ରାମ୍ୟ ଉନୟନ୍ନ ବିଭାଗ ର ରାସ୍ତା ଓ ବ୍ରିଜ ଧୋଇହୋଇଯାଇଥିଲା । ହେଲେ ଆଜି ପ୍ରଯ୍ୟନ୍ତ ଉକ୍ତ ବ୍ରିଜ ନିର୍ମାଣ କରାଯାଇନଥିବାରୁ ଏହି ରାସ୍ତାଦେଇ ଯାଉଥିବା ଲୋକ ମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ବ୍ରିଜ ର ଅବସ୍ଥା ଅତ୍ୟନ୍ତ ଶୋଚନୀୟ ହୋଇ ପଡ଼ିଥିବାରୁ ଏହି ରାସ୍ତାଦେଇ ଚାଲିଚାଲି ଯିବା କଷ୍ଟକର ହୋଇପଡୁଛି ।

ପ୍ରକାଶ ଥାଉକି ଗମ୍ପାକୋଣ୍ଡା ମୁଖ୍ୟ କେନାଲ ରୁପୁରୁଣା ପଂଚାୟତ ଅଫିସ ପର୍ଯ୍ୟନ୍ତ ପ୍ରାୟ ୨ କିମି ରାସ୍ତା ବର୍ଷାରେ ଧୋଇହୋଇଯାଇଛି । ଏହି ରାସ୍ତାର ମଧ ଭାଗରେ କସଲ କୋଣ୍ଡା ନାଳ ରହିଛି, ଯାହାର ଲମ୍ବ ୧୫ ମିଟର । ଉକ୍ତ ରାସ୍ତା ଚିନ୍ତଲବାଡା ଓ ଗୁମୁକା ପଂଚାୟତକୁ ସଂଯୋଗ କରୁଥିବାରୁ ବହୁ ଲୋକ ସୁବିଧାରେ ଯାତାୟାତ କରୁଥିଲେ । ତେବେ ୩ ବର୍ଷ ଧରି ରାସ୍ତା ଓ ବ୍ରିଜ ମରାମତି ହୋଇନଥିବାରୁ କସଲକୋଣ୍ଡା, ସିନ୍ଧିଗୁଡା, ଏବଂ ନିକଟରେ ଥିବା ଅନ୍ୟ ୬ ଟି ଗାଁ ର ଶତାଧିକ ଲୋକ ନାହିଁ ନଥିବା ଦୁର୍ଦ୍ଦଶା ଭୋଗୁଛନ୍ତି । ସାଧାରଣତଃ କାହାର ଦେହ ଖରାପ ହେଲେ ରୋଗୀ, ଗର୍ଭବତୀଙ୍କୁ ଚିକିତ୍ସାଳୟ ନେବାକୁ ଗାଁ ନିକଟକୁ ଆମ୍ବୁଲାନ୍ସ ଆସିପାରେନାହିଁ !ଫଳରେ ରୋଗୀଙ୍କୁ ଖଟିଆରେ ବୋହିବାକୁ ପଡିଥାଏବୋଲି କସଲକୋଣ୍ଡା ଗ୍ରାମର ୱାର୍ଡ ମେମ୍ବର ଈରମେ କବାସୀ କହିଛନ୍ତି । ମରାମତି ପାଇଁ ପ୍ରଶାସନ ପାଖରେ ଅଞ୍ଚଳବାସୀ ବାରମ୍ବାର ଦାବି କରିଆସୁଥିଲେ ସୁଦ୍ଧା କେହି ଶୁଣୁ ନ ଥିବା ପଂଚାୟତବାସୀ ଅଭିଯୋଗ କରିଛନ୍ତି !ଜିଲ୍ଲା ପ୍ରଶାସନ ପକ୍ଷରୁ ତୁରନ୍ତ ଏଥିପ୍ରତି ଦୃଷ୍ଟି ଦେବାପାଇଁ ଦାବୀ ହେଉଛି !

### ବିବାହର ପ୍ରତିଶ୍ରୁତି ଦେଇ ମାସମାସ ଧରି ଯୁବତୀଙ୍କୁ ଦୁଷ୍କର୍ମ

## ୬ମାସର ଗର୍ଭବତୀ ପରେ ସଂପୃକ୍ତ ଯୁବକ ଫେରାର, ଦୈତାରୀ ଥାନାରେ ଏତଲା

ହରିଚନ୍ଦନପୁର, (ପିଏନ) ବିବାହର ପ୍ରତିଶ୍ରୁତି ଓ ବିଭିନ୍ନ ପ୍ରଲୋଭନ ଦେଖାଇ ମାସମାସ ଧରି ଯୁବତୀଙ୍କ ସହ ଦୁଷ୍କର୍ମ, ୬ମାସର ଗର୍ଭବତୀ ହେବା ପରେ ସଂପୃକ୍ତ ଯୁବକ ଫେରାର ହୋଇଯାଇଥିବା ନେଇ ଦୈତାରୀ ଥାନାରେ ଲିଖିତ ଅଭିଯୋଗ ହୋଇଛି ।ଖବର ଅନୁଯାୟୀ କେନ୍ଦୁଝର ଜିଲ୍ଲା ହରିଚନ୍ଦନପୁର ବ୍ଲକ ଦୈତାରୀ ଥାନା ଅନ୍ତର୍ଗତ ଆଳୁତୁମ୍ବା ଗ୍ରାମର ଯାତ ଦେହୁରୀଙ୍କ ଝିଅ (ଛଦ୍ମନାମ) ଜମୁନା(୧୮)ଙ୍କ ସହ ଗ୍ରାମର ଝଂପିତାମ୍ବର ଦେହୁରୀଙ୍କ ପୁଅ ସୁଶାନ୍ତ ଦେହୁରୀ ପ୍ରେମ ସମ୍ପର୍କ ରଖିଥିଲେ । ପରେ ବିବାହର ପ୍ରତିଶ୍ରୁତି ଓ ବିଭିନ୍ନ ପ୍ରଲୋଭନ ଦେଖାଇ ଯୁବତୀଙ୍କୁ ଦୀର୍ଘ ମାସ ଧରି ଦୁଷ୍କର୍ମ କରିଥିଲେ । ଯୁବତୀ ଜଣଙ୍କ ଗର୍ଭବତୀ ହେବା ପରେ ଯୁବକଙ୍କୁ ଘଟଣା ସମ୍ପର୍କରେ ଜଣାଇବା ପରେ ଯୁବକ ଜଣଙ୍କ ଫେରାର୍ ହୋଇଯାଇଥିଲେ । ଯୁବକ ଜଣଙ୍କ ଫେରାର୍ ହୋଇଯିବା ନେଇ ପୀଡ଼ିତା ଜଣଙ୍କ କିଛି ଉପାୟ ନପାଇ ମାଆ ଗୁଣ୍ଠ ଦେହୁରୀଙ୍କୁ ଘଟଣା ସମ୍ପର୍କ ସବୁ କଥା ଜଣାଇଥିଲେ । ଝିଅ ଠାରୁ ସମସ୍ତ ଘଟଣା ସମ୍ପର୍କରେ ଜାଣିବା ପରେ ସମାଧାନ ନିମନ୍ତେ ଗ୍ରାମର ଭଦ୍ର ଲୋକଙ୍କ ଏକ ସଭା ବସିଥିଲା । ହେଲେ ଉକ୍ତ ସଭାରେ ଉଚିତ୍ ନ୍ୟାୟ ମିଳିବା ଭଳି କୌଣସି ସମାଧାନ ବାଟ ବାହାରିନଥିଲା । ଶେଷରେ କିଛି ଉପାୟ ନପାଇ ନ୍ୟାୟ ଆଶାରେ ପରିବାର ସହ ପୀଡ଼ିତା ଦୈତାରୀ ଥାନା ଦ୍ୱାରସ୍ଥ ହୋଇ ଏକ ଲିଖିତ ଅଭିଯୋଗ କରିଥିଲେ । ଏଥିସହ ଯୁବକଙ୍କ ପରିବାର ସବୁ ସମ୍ପର୍କରେ ଜାଣିବା ପରେ ତାଙ୍କୁ ଲୁଚାଇ ରଖିଥିବା ପୀଡ଼ିତା କହିଛନ୍ତି । ଅଭିଯୋଗକୁ ଭିତି କରି ପୋଲିସ ଏକ ମାମଲା ରୁଜୁ କରି ପୀଡ଼ିତାଙ୍କୁ କେନ୍ଦୁଝର ମୁଖ୍ୟ ଚିକିତ୍ସାଳୟରେ ଡ଼ାକ୍ତରୀମାଇନା କରିବା ପରେ ତଦନ୍ତ ଆରମ୍ଭ କରିଥିବା ଜଣାପଡ଼ିଛି । ହେଲେ ଗତ ମଙ୍ଗଳବାର ଥାନାରେ ଅଭିଯୋଗ ହୋଇଥିଲା ବେଳେ ଆଜି ପର୍ଯ୍ୟନ୍ତ ପୋଲିସ ସଂପୃକ୍ତ ଯୁବକଙ୍କ ପତା ପାଇନଥିବା କାରଣରୁ ନ୍ୟାୟ ଆଶାରେ ଚାହିଁ ରହିଥିବା ପୀଡ଼ିତା ମଧରେ ଧିରେ ଧିରେ ଆଶା ତୁଟିବାକୁ ବସିଛି । ଏଥିପ୍ରତି ଜିଲ୍ଲା ପ୍ରଶାସନ ଦୃଷ୍ଟି ଦେଇ ଯଥାଶୀଘ୍ର ପୀଡ଼ିତାଙ୍କୁ ଉଚିତ୍ ନ୍ୟାୟ ପ୍ରଦାନ କରାଇବାକୁ ଗ୍ରାମବାସୀ ଓ ପୀଡ଼ିତା ଦାବି କରିଛନ୍ତି ।

## ଆର୍ଯ୍ୟସମାଜ ଆନ୍ଦୋଳନର ମୁଖ୍ୟ ପୃଷ୍ଟପୋଷକ ସ୍ୱାମୀ ଅଗ୍ନିବେଶଙ୍କ ରାଜ୍ୟସ୍ତରୀୟ ଶ୍ରଦ୍ଧାଞ୍ଜଳି ସଭା

ଭୁବନେଶ୍ୱର, (ପିଏନ)- ବିଶିଷ୍ଟ ସାମାଜିକ କାର୍ଯ୍ୟକର୍ତ୍ତା, ଆର୍ଯ୍ୟସମାଜ ଆନ୍ଦୋଳନର ମୁଖ୍ୟ ପୃଷ୍ଟପୋଷକ, ସଂସ୍କାରବାଦୀ ସନ୍ନ୍ୟାସୀ ସ୍ୱାମୀ ଅଗ୍ନିବେଶଙ୍କ ଉଦ୍ଦେଶ୍ୟରେ ଆର୍ଯ୍ୟସମାଜ, ଓଡ଼ିଶା ପକ୍ଷରୁ ଏକ ଶ୍ରଦ୍ଧାଞ୍ଜଳି ସଭା ଜୁମ୍ ଭିଡ଼ିଓ ଯୋଗେ ସଭାପତି ଆର୍ଯ୍ୟକୁମାର ଜ୍ଞାନେନ୍ଦ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ପ୍ରାରମ୍ଭରେ ପଣ୍ଡିତ ବୀରେନ୍ଦ୍ର କୁମାର ପଣ୍ଡା ବେଦମନ୍ତ୍ର ପାଠ କରିବା ପରେ ଶ୍ରଦ୍ଧାଞ୍ଜଳି ଜଣାଇ ଦିବ୍ୟଜୀବନ ସଂଘର ସନ୍ନ୍ୟାସୀ ସ୍ୱାମୀ ଜଗନ୍ନାଥାନନ୍ଦ ମହାରାଜ କହିଲେ ଯେ, ମହର୍ଷି ଦୟାନନ୍ଦଙ୍କର ସଚ୍ଚା ଶିଷ୍ୟ ଥିଲେ ସ୍ୱାମୀ ଅଗ୍ନିବେଶ, ତାଙ୍କର ସଂଗ୍ରାମ ଥିଲା ସାଲିସ ବିହୀନ । ସେ ପ୍ରକୃତରେ ଥିଲେ ସାମାଜିକ କ୍ରାନ୍ତିର ଜଣେ ବାର୍ତାବହ । ବିଶିଷ୍ଟ ଶିକ୍ଷାବିତ୍ ଡଃ ପ୍ରଫେସର ହରେକୃଷ୍ଣ ଶତପଥି କହିଲେ ଯେ, ସ୍ୱାମିଜୀ ଅଗ୍ନିବେଶ ନାମକୁ ସାର୍ଥକ କରିଥିଲେ । ତାଙ୍କର ବକ୍ତବ୍ୟରେ ଅଗ୍ନିସ୍ଫୁଲିଙ୍ଗ ସୃଷ୍ଟି କରୁଥିଲା । ଶିକ୍ଷାବିତ୍ ଡଃ ବଦ୍ରୀନାଥ ପଟ୍ଟନାୟକ ଶ୍ରଦ୍ଧାଞ୍ଜଳି ଜଣାଇ କହିଲେ ଯେ, ସେ ଥିଲେ ଗୋତିଶ୍ରମିକମାନଙ୍କର ତ୍ରାଣକର୍ତା । ସମାଜବାଦୀ ପାର୍ଟିର ସଭାପତି ରବି ବେହେରା କହିଲେ ଯେ, ଆମେ ଗର୍ବିତ ଯେ, ସେ ଓଡ଼ିଶାରେ ଜନ୍ମ ହୋଇଥିଲେ । ବରିଷ୍ଠ କଂଗ୍ରେସ ନେତା ଅଧ୍ୟାପକ କୈଳାସ ଆର୍ଯ୍ୟ କହିଲେ ଯେ, ସ୍ୱାମିଜୀ ମରିନାହାଁନ୍ତି, ସ୍ୱାମିଜୀଙ୍କୁ ଗୋଟିଏ ନିର୍ଦ୍ଦିଷ୍ଟ ଦଳର ଗୁଣ୍ଡାମାନେ ମାରିଦେଲେ । ଘାତକମାନେ ସରକାରୀ ପୃଷ୍ଟପୋଷକତାରେ ଏବେବି ବୁଲୁଛନ୍ତି । ଡ଼ି.ଏ.ଭି.ର ବରିଷ୍ଠ କାର୍ଯ୍ୟକର୍ତା ଡଃ ହିମାଂଶୁ ମହାନ୍ତି କହିଲେ ଯେ, ଓଡ଼ିଶାର ପ୍ରତ୍ୟେକଟି ସମସ୍ୟା ସହିତ ନିଜକୁ ସାମିଲ୍ କରିଥିଲେ । ସେ ପୋସ୍କୋ ହେଉ ବା ମହାନଦୀ ବଂଚାଓ ହେଉ । ମା'ଘରର ପ୍ରତିଷ୍ଠାତ୍ରୀ ସଭାନେତ୍ରୀ ଋତୁପର୍ଣ୍ଣା ମହାନ୍ତି ଶ୍ରଦ୍ଧାଞ୍ଜଳି ଜଣାଇ କହିଲେ ଯେ, ସମାଜର ପଛୁଆବର୍ଗ, ବିଶେଷ ଭାବେ ଶୋଷିତଶ୍ରେଣୀ, ମହିଳାମାନଙ୍କୁ ସମାଜର ଆଗଧାଡ଼ିକୁ ଆଣିବାକୁ ତାଙ୍କର ସଂଗ୍ରାମ ଥିଲା ସାଲିସ ବିହୀନ ।ଅନ୍ୟମାନଙ୍କ ମଧରେ ପୂର୍ବତନ କୁଳପତି ଡଃ ବିମଳେନ୍ଦୁ ମହାନ୍ତି, ମହାବୋଧି ସମିତିର ଟ୍ରଷ୍ଟି ଡଃ ସୌରେନ୍ଦ୍ର ମହାପାତ୍ର, ମହର୍ଷି ଦୟାନନ୍ଦ ମିଶନ ଅଧ୍ୟକ୍ଷ ଡଃ ବିକାଶ ପଣ୍ଡା, ଇଂ ଗୋପିନାଥ ପଟ୍ଟନାୟକ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ । କାର୍ଯ୍ୟକ୍ରମକୁ ଡଃ ବଦ୍ରୀନାଥ ପଟ୍ଟନାୟକ ପରିଚାଳନା କରିଥିଲେ । ଶେଷରେ ଯୁବ ଆର୍ଯ୍ୟସମାଜ, ଓଡ଼ିଶାର ଅଧ୍ୟକ୍ଷ ପ୍ରବୀର ଆର୍ଯ୍ୟ ଧନ୍ୟବାଦ ଦେଇଥିଲେ ।

## ପୋଲିସ, ପ୍ରଶାସନ ଓ ପୌରନିର୍ବାହୀ ଅଧିକାରଙ୍କ ଉପସ୍ଥିତିରେ ହେଲା ସମ୍ପର୍ଣ୍ଣ

କନ୍ଧମାଳ,(ପିଏନ)-୨ କୋଭିଡ୍ ସନ୍ଦିଗ୍ଧଙ୍କର ଫୁଲବାଣୀ ଡାକ୍ତରଖାନାରେ ଚିକିତ୍ସିତ ଅବସ୍ଥାରେ ମୃତ୍ୟୁ ହୋଇଥିଲା । ସେମାନଙ୍କ ମଧ୍ୟରୁ ଫୁଲବାଣୀ ଗଣେଷ ବଜାରର ଜଣେ ୭୫ ବର୍ଷିୟ ପୁରୁଷ ହୋଇଥିବାବେଳେ ଆଉ ଜଣେ ଅମଲାପଡା ଅଂଚଳର ଜଣେ ୮୦ ବର୍ଷର ମହିଳା ଅଟନ୍ତି । ତେବେ ସେମାନଙ୍କର ଶବ ସଂସ୍କାର ପାଇଁ ତାଙ୍କ ଆଖପାଖ ଅଂଚଳର କେହି ନଆସିବାରୁ କନ୍ଧମାଳ ଟିମ ହ୍ୟୁମାନିଟିକୁ ଜିଲ୍ଲା ପ୍ରଶାସସନ ତରଫରୁ ଏହି କାର୍ଯ୍ୟରେ ସହାୟତା ପାଇଁ ଅନୁରୋଧ କରାଯାଇଥିଲା । ଏଥିରେ ଟିମ ହ୍ୟୁମାନିଟିର ସଦସ୍ୟ ମାନେ ତୁରନ୍ତ ପ୍ରସ୍ତୁତ ହେବା ସହିତ ସଦସ୍ୟ ମାନେ କୋଭିଡ ହସପିଟାଲରେ ପହଂଚିବା ସହିତ ସମସ୍ତେ ପିପିଇ କିଟ୍ ପିନ୍ଧି ସ୍ଥାନୀୟ ଏଫ୍‌ସିଆଇ ଛକ ନିକଟରେ ଥିବା ଶ୍ମସାନରେ କୋଭିଡ ନିୟମ ଅନୁସାରେ ୨ଟି ଶବ ସଂସ୍କାର କରିଥିଲେ । ସେଠାରେ ଉଭୟ ମୃତକଙ୍କ ପରିବାରର ସ୍ୱଳ୍ପ ସମ୍ପର୍କିୟଙ୍କ ସମେତ ପୋଲିସ ଜିଲ୍ଲା ପ୍ରଶାସନିକ ଅଧିକାରୀ ଫୁଲବାଣୀ ପୌରାଂଚଳର କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ଉପସ୍ଥିତିରେ ଏହି ଦୁଇଟି ଶବକୁ ସଂସ୍କାର କରାଯାଇଛି । ଟିମ ହ୍ୟୁମାନିଟିର ଏହି ମାନବିକତା ପୂର୍ଣ୍ଣ କାର୍ଯ୍ୟକୁ ଜିଲ୍ଲା ପ୍ରଶାସନ ସମେତ ଜିଲ୍ଲାର ବିଭିନ୍ନ ବୁଦ୍ଧିଜୀବି ମହଲରେ ପ୍ରଶଂସା କରାଯାଇଛି । ସୁଚା ଯୋଗ୍ୟ ଟିମ ହ୍ୟୁମାନିଟି ଗତ କଚି ଦିନ ହେଲା ଫୁଲବାଣୀ ସମେତ ସମଗ୍ର କନ୍ଧମାଳ ଜିଲ୍ଲାରେ ସଡକ ଦୁର୍ଘଟଣାର ଆହତ ମାନଙ୍କ ସହିତ ସ୍ନେକ ହେଲ୍ପଲାଇନ୍ ଜରିଆରେ ଲୋକଙ୍କ ଘରେ ପଶିଥିବା ସାପକୁ ଧରିବା ସହିତ ତାକୁ ନେଇ ସୁରକ୍ଷିତ ଭାବରେ ଜଙ୍ଗଲରେ ଛାଡିବା, ରକ୍ତଦାନ କ୍ଷେତ୍ରରେ କାର୍ଯ୍ୟ କରିବା ଭଳି ଅନ୍ୟାନ୍ୟ ସେମା ମୁଳକ କାର୍ଯ୍ୟରେ ଅସହାୟ ଲୋକଙ୍କୁ ସେବା ଦେଇ ଆସୁଛି । ତେବେ ଆଜିର ଏହି କାର୍ଯ୍ୟ ପାଇଁ ଟିମ ହ୍ୟୁମାନିଟିର ସଦସ୍ୟ ମାନଙ୍କୁ ଜିଲ୍ଲାର ସବୁ ସ୍ତରରୁ ପ୍ରଶଂସାର ସୁଅ ଛୁଟିଛି ।




# ରାସ୍ତାରେ ହେଲା ପ୍ରସବ; ଶିଶୁପୁତ୍ରର ମୃତ୍ୟୁ ପ୍ରସୂତୀଙ୍କୁ ମିଳିଲାନି ଚିକିତ୍ସା

ଯାଡ଼ା (ପିଏନ)-କେନ୍ଦୁଝର ଜିଲ୍ଲା ଯୋଡା ପୌରପାଳିକା ୯ ୱାର୍ଡ ଗୋପ ହଟିଂ ସ୍ଥିତ ମଙ୍ଗଳାମନ୍ଦିର ନିକଟ ରାସ୍ତାରେ ଜନ୍ମ ହୋଇଛି ଏକ ଶିଶୁପୁତ୍ର । ଭୂମିଷ୍ଠ ହେବା ପରେ ଶିଶୁପୁତ୍ରଟିର ମୃତ୍ୟୁ ହୋଇଯାଇଥିବା ଖବର ହସ୍ତଗସ୍ତ ହୋଇଛି । ଏହି ଅଭାବନୀୟ ଘଟଣା ଦେଖିବାକୁ ମିଳିଛି ସର୍ବାଧିକ ଖଣି ରାଜସ୍ୱ ଦେଉଥିବା ଖଣି ଉପତ୍ୟକା ଯୋଡା ସହରରେ । ପ୍ରତ୍ୟେକ୍ଷ ସୂତ୍ରରୁ ପ୍ରକାଶ ଯେ ସୋମବାର ରାତ୍ର ପ୍ରାୟ ସାଢେ ୧୦ଟା ସମୟରେ ଜଲହରୀ ପ ।ୟତ ଅଧୀନରେ ଆଇଟିସି କଲୋନୀ ନିବାସୀ କପିଳାସ ନାଏକ ତାଙ୍କ ପତ୍ନୀ ସୁକମତୀ ପୂ ର୍ଁ। ଏବଂ ତାଙ୍କ ଶାଶୁ ଘାସ ନାଏକ ସୁକୁମତୀଙ୍କୁ ଦୁଇ କାନ୍ଧର ସାହାରାରେ ମଙ୍ଗଳାମନ୍ଦିର ରାସ୍ତା ଦେଇ ସରକାରୀ ଡାକ୍ତରଖାନାକୁ ନେଉଥିବା ବେଳେ ପ୍ରସବ ବେଦନା ସହିନପାରି ସୁକୁମତୀ ରାସ୍ତାରେ ଉପରେ ଶିଶୁପୁତ୍ରକୁ ଜନ୍ମ ଦେଇଥିଲେ । ହେଲେ ଶିଶୁପୁତ୍ରଟିର କିଛିକ୍ଷଣ ପରେ ମୃତ୍ୟୁ ଘଟିଥିଲା । ପ୍ରସବ ବେଦନାର ଚିତ୍କାର ଏବଂ ମୃତ ଶିଶୁପୁତ୍ରର ଦୁଃଖରେ ମ୍ରିୟମାଣ ମୃତ ଶିଶୁର ମା'ଙ୍କର କ୍ରନ୍ଦନ ବସ୍ତିବାସିନ୍ଦାଙ୍କ ନିଦ ହଜାଇ ଦେଇଥିଲା । ଏସମ୍ପର୍କରେ ବିଦ୍ଧିବଦ୍ଧ ଭାବେ ସୁକୁମତୀଙ୍କ ସ୍ୱାମୀ କପିଳାସଙ୍କ ଠାରୁ ଜାଣିବାକୁ ମିଳିଥିଲା ଯେ ସୋମବାର ଅପରାହ୍ନ ୨ଟା ବେଳେ ସେ ଓ ତାଙ୍କ ପରିବାର ସୁକୁମତୀଙ୍କୁ ପ୍ରସବ ପାଇ ଯୋଡା ସ୍ଥିତ ସରକାରୀ ଡାକ୍ତରଖାନାରେ ଭ ର୍ତ୍ତି କରିଥିଲେ । ସେଠାରେ ତାଙ୍କର ଅବସ୍ଥା ଜଟିଳ ଥିବାରୁ ତାଙ୍କୁ ଡାକ୍ତରଖାନା ପକ୍ଷରୁ କେନ୍ଦୁଝର କିମ୍ବା ଚମ୍ପୁଆ ନେବା ପାଇଁ କୁହାଯାଇଥିଲେ ହେଁ ସମ୍ବଳ ଅଭାବରୁ ସେ ଟାଟା କମ୍ପାନୀ ଡାକ୍ତରଖାନାକୁ ନେଇଯାଇଥିଲେ । ସେଠାରେ ତାଙ୍କୁ ଚିକିତ୍ସା କରାଯିବା ପରିବର୍ତ୍ତେ କେବଳ କୋଭିଡ ଟେଷ୍ଟ କରାଇ କୌଣସି ରିପୋର୍ଟ ନଦେଇ ତାଙ୍କୁ ପୁନଃ ସରକାରୀ ଡାକ୍ତରଖାନାକୁ ପଠାଇ ଦିଆଯାଇଥିଲା । ସେଠାରୁ ସରକାରୀ ଡାକ୍ତରଖାନାକୁ ଆସିବା ପାଇଁ କୌଣସି ଗାଡି କିମ୍ବା ଆମ୍ବୁଲାନ୍ସର ସୁବିଧା ନମିଳିବାରୁ ଶେଷରେ ସୁକୁମତୀ ପୂ ର୍ଁ।ଙ୍କ ସ୍ୱାମୀ ଓ ଶାଶୁ ଦୁଇ କାନ୍ଧରେ ଆଶ୍ରା କରି ପାଦରେ ଚାଲି ଚାଲି ମଙ୍ଗଳାମନ୍ଦିର ଦେଇ ରାସ୍ତା ଅତିକ୍ରମ କରୁଥିବା ବେଳେ ଗର୍ଭବତୀ ମହିଳା ସୁକୁମତୀଙ୍କ ରାସ୍ତାରେ ପ୍ରାୟ ରାତ୍ର ୧୧ଟା ବେଳେ ସନ୍ତାନ ପ୍ରସବ ହୋଇଯାଇଥିଲା । ଶିଶୁପୁତ୍ରଟିର ଜନ୍ମ ହେବାର କିଛି ସମୟ ପରେ ମୃତ୍ୟୁ ହୋଇଯାଇଥିଲା । କ୍ରନ୍ଦନ ଏବଂ ଚିତ୍କାର ଶବ୍ଦ ଶୁଣି ସ୍ଥାନୀୟ ଲୋକେ ଆସି ଦେଖିବା ପରେ ସମସ୍ତେ ସ୍ତବ୍ଧ ହୋଇଯାଇଥିଲେ । କାରଣ ଶିଶୁପୁତ୍ର ଜନ୍ମ ହେବା ପରେ ଶିଶୁପୁତ୍ରଟିର ନାଭି ମା' ସହିତ ସଂଯୋଗ ହୋଇ ରହିଥିଲା । ମାଙ୍କର ଜୀବନ ପ୍ରତି ବିପଦ ଥିବାରୁ ତୁରନ୍ତ ସ୍ଥାନୀୟ ଲୋକ ୧୦୮ ଆମ୍ବୁଲାନ୍ସକୁ ଖବର ଦେବା ସହିତ ଟାଟାକମ୍ପାନୀ ମୁଖ୍ୟ ଚିକିତ୍ସାଧିକାରୀଙ୍କୁ ଫୋନ ଯୋଗେ ଜଣାଇଥିଲେ । ତେବେ ବଡବିଲରୁ ୧୦୮ ଆମ୍ବୁଲାନ୍ସଟି ପହ ଞ୍ଚି ସୁକୁମତୀଙ୍କୁ ମୃତ ଶିଶୁପୁତ୍ର ସହ ସ୍ଥାନୀୟ ସରକାରୀ ଡାକ୍ତରଖାନାରେ ଭ ର୍ତ୍ତି କରିଥିଲେ । ଏହି ଘଟଣା ପ୍ରଘଟ ହେବା ପରେ ଜନସାଧାରଣଙ୍କ ମନରେ ଘରୋଇ ଡାକ୍ତରଖାନା ପ୍ରତି ପ୍ରବଳ ଆକ୍ରୋଶ ଦେଖାଯାଇଥିଲା । ଯୋଡା ବିକାଶ ପରିଷଦ ପକ୍ଷରୁ ସଭାପତି ନିରଞ୍ଜନ ବହିଦାର କ୍ଷୋଭର ସହ ନିଜର ପ୍ରତିକ୍ରିୟାରେ କହିଛନ୍ତି ଯେ ଟାଟା ଖଣି ଖାଇ ପାଣି ଖାଇଲା ହେଲେ ପ୍ରଭାବିତ ଲୋକଙ୍କର ସେବାକୁ ନିଜର ଦାୟିତ୍ୱ ବଦଳରେ ଦୟା ବୋଲି ଭାବିଲା । ଏସମ୍ପର୍କରେ ଟାଟା କମ୍ପାନୀ ଡାକ୍ତରଖାନା ମୁଖ୍ୟ ଚିକିତ୍ସାଧିକାରୀ ଏମ.କେ.ତ୍ରିପାଠୀ ତାଙ୍କ ପ୍ରତିକ୍ରିୟାରେ କହିଥିଲେ ଯେ ମହିଳା ଜଣକ ଚିକିତ୍ସା ନିମନ୍ତେ ଏଠାକୁ ଆସିଥିବା ସେ ଜାଣିଛନ୍ତି । ଏବଂ ତାଙ୍କର କୋଭିଡ ଟେଷ୍ଟ ମଧ କରାହେବା ପରେ କରୋନା ପଜିଟିଭ ରିପୋର୍ଟ ଜଣାପଡିଛି । ରୋଗୀ ଏଠାରୁ ଚାଲିଯିବା ସମ୍ପର୍କରେ ସେ ତଦନ୍ତ କରିବେ । ତଦନ୍ତ ପରେ କାର୍ଯ୍ୟାନୁଷ୍ଠନ ଗ୍ରହଣ କରାଯିବ ବୋଲି ସେ କହିଥିଲେ । ତେବେ ଏଠାରେ ପ୍ରଶ୍ନ ଉଠୁଛି ଯେ ଟାଟାଷ୍ଟିଲ ଡାକ୍ତରଖାନା ପରିସର ମଧରେ କୋଭିଡ ଡାକ୍ତରଖାନା ଥିବା ସ ତ୍ତ୍ୱ କିପରି ମହିଳାଙ୍କୁ ଚିକିତ୍ସା କରାନଯାଇ କିପରି ଦାୟିତ୍ୱହୀନ ଭାବେ ପଠାଇ ଦିଆଗଲା ଓ ଆମ୍ବୁଲାନ୍ସଟିଏ ମଧ ତାଙ୍କୁ ଦିଆଗଲା ନାହିଁ ଏହା ଜନସାଧାରଣଙ୍କ ପ୍ରଶ୍ନ । ତେଣେ ସରକାରୀ ଡାକ୍ତରଖାନାରୁ ପ୍ରସବ ଚିକିତ୍ସା ହେବା ପରେ ମହିଳା ଓ ତାଙ୍କ ପରିବାର ଜଲହରୀ ସ୍ଥିତ ଆଇଟିସି ଗ୍ରାମକୁ ଚାଲି ଯାଇଛନ୍ତି । ଯାହାକୁ ସଂକ୍ରମଣର ଆଶଙ୍କାକୁ ବଢାଇ ଦେଇଛି । ଏନେଇ ଟାଟା କମ୍ପାନୀ କର୍ପୋରେଟ କମ୍ୟୁନିକେଶନର ଅଧିକାରୀ ଆଶିଷ ଆଚାର୍ଯ୍ୟ ପ୍ରେସ ବିବୃ ତ୍ତି ଦେଇ ସୂଚନା ଦେଇଛନ୍ତି ଯେ ସୁକୁମତୀ ପୂ ର୍ଁ।ଙ୍କୁ ଅକ୍ଟୋବର ୫ ତାରିଖ ରାତି ପ୍ରାୟ ୮.୪୦ ମିନିଟରେ ଟାଟାଷ୍ଟିଲ ହସ୍ପିଟାଲକୁ ଅଣାଯାଇଥିଲା । ହସ୍ପିଟାଲରେ ୨ଜଣ ସ୍ତ୍ରୀ ଓ ପ୍ରସୂତୀ ବିଭାଗର ବିଶେଷଜ୍ଞ ଅଛନ୍ତି । ଜଣେ ଡାକ୍ତର ସଙ୍ଗରୋଧରେ ଥିବାରୁ ସେ ରୋଗୀଙ୍କୁ ଦେଖି ପାରିବେ ନାହିଁ । ଦ୍ୱିତୀୟ ଡାକ୍ତର କୋଭିଡରୁ ଏବେ ସୁସ୍ଥ ହୋଇଛନ୍ତି ଓ ସେହି ସମୟରେ ସେ ଅସୁସ୍ଥତା ଅନୁଭବ କରିବାରୁ ଡାକ୍ତରଖାନାକୁ ଆସିପାରିନଥିଲେ । ଏପରିସ୍ଥିତିରେ ରୋଗୀଙ୍କୁ ଏଠାରେ ଭ ର୍ତ୍ତି କରିବା ସମ୍ଭବପର ନଥିବାରୁ ନିକଟସ୍ଥ ହସ୍ପିଟାଲକୁ ନେବା ପାଇଁ ପରାମର୍ଶ ଦିଆଯାଇଥିଲା ।

## ବର୍ଦ୍ଧିତ ମଜୁରୀ ଦାବୀ କରିବାରୁ କର୍ମଚାରୀଙ୍କୁ ଛଟେଇ

ଚଣ୍ଡିଖୋଲ, (ପି ଏନ୍ ଏସ) ରାଜ୍ୟରେ ସରକାର୍ ପରିବର୍ତ୍ତନ ହେଲା ପରେ ନୂତନ ବିଜେପି ସରକାର ଶ୍ରମିକ ମାନଙ୍କର ଦୈନିକ ମଜୁରୀ ବୃଦ୍ଧି କରିଛନ୍ତି । ମାତ୍ର ଏହି ବର୍ଦ୍ଧିତ ମଜୁରୀ ଦାବୀ କରିବାରୁ ଜଣେ ଶ୍ରମିକ କୁ ମହଙ୍ଗା ପଡ଼ିଛି । କମ୍ପାନୀ ତାଙ୍କୁ ଚାକିରୀରୁ ବହିଷ୍କାର କରିଛନ୍ତି ।ବଡଚଣା, ବ୍ଲକ୍ ଅନ୍ତର୍ଗତ ସୁଙ୍ଗୁଡ଼କ୍ଷ ଗ୍ରାମର ୟକ୍ଷସିନ୍ ଖାଁ ଦୀର୍ଘ ଅଢେଇ ବର୍ଷ ହେଲା କଣ୍ଟିଗଡିଆ ନିକଟସ୍ତ ଶ୍ରୀରାମ ପୁର ଟୋଲ ପ୍ଲାଜା ରେଜଣେ ଟୋଲ୍ କଲେକ୍ଟର ଭାବେ କାର୍ଯ୍ୟ କରୁଥିଲେ । ରଞ୍ଚ ?ର୍ ଇନ୍ ଫ୍ରକ୍ଷ, ଡେଭ୍ଲପମେଣ୍ଟ ପ୍ରାଇଭେଟ୍ ଲିମିଟେଡ୍ ରେ ଦୈନିକ ୨୭୦ଟଙ୍କାରେ କାର୍ଯ୍ୟ କରି ଆସୁଥିଲେ । ମାତ୍ର ଏବେ ନୂତନରାଜ୍ୟସରକାର ଶ୍ରମିକ ମାନଙ୍କର ଦୈନିକ ମଜୁରୀ ବୃଦ୍ଧି କରିଛନ୍ତି । ଜଣେ କୁଶଳୀ ଶ୍ରମିକଭାବେ ସେ ଦୈନିକ ଛଅଶହ ଟଙ୍କା ଦରମା ପାଇବା କଥା ମାତ୍ର ୟାସିନ୍ ଦୈନିକ ୨୭୦ଟଙ୍କା ମଜୁରୀ ପାଉ ଛନ୍ତି । ରାଜ୍ଯ ସରକାର ଙ୍କ ଦ୍ୱାରା ଘୋଷିତ ବର୍ଦ୍ଧିତ ମଜୁରୀ ମାଗିବାରୁ କମ୍ପାନୀ ତାଙ୍କୁ ଚାକିରୀରୁ ନିଲମ୍ବନ କରିଥିଲେ କ୍ଷ ଏଥିସହିତ, ତାଙ୍କ ଦରମାରୁ କାଟୁଥିବା କର୍ମଚାରୀଭବିଷ୍ୟ ନିଧି ପାଣ୍ଠି ମଧ ଠିକସେ ଜମା କରା ଯାଉ ନଥିଲା । କମ୍ପାନୀ କର୍ମଚାରୀମାନଙ୍କୁ ମାସରେ ଚାରି ଦିନ ଛୁଟି ଧାର୍ଯ୍ୟ କରିଥିବା ସମୟରେ ଯଦି ଜଣେ କର୍ମଚାରୀ ଅସୁସ୍ଥତା ଯୋଗୁଁ କାର୍ଯ୍ୟରେ ଯୋଗ ଦେଇ ପାରୁନଥିଲେ ତେବେ କମ୍ପାନୀ ଚାରିଦିନ ସହିତ ଅଧିକ ଦିନର ଟଙ୍କା କାଟି ଦେଉଥିଲେ । କମ୍ପାନୀ ଦ୍ୱାରା କର୍ମଚାରି ମାନଙ୍କୁ ଆର୍ଥିକ ଶୋଷଣ କରୁଥିବା, ଏହାର ପ୍ରତିବାଦ କରିବାରୁ ତାଙ୍କୁ ଚାକିରୀରୁ ନିଲମ୍ବନ କରାଯାଇଥିବା । ୟାସିନ୍, ପରିବାରର ଏକ ମାତ୍ର ରୋଜଗାର କ୍ଷମ ବ୍ୟକ୍ତି ହୋଇଥିବାରୁ ପରିବାର ଲୋକେ ଆର୍ଥିକ ଅଭାବ ଅନାଟନ ମଧରେ କାଳ ତିପକ୍ଷତକରୁଛନ୍ତି ।

## ଖଟିଖିଆଙ୍କୁ ମାଗଣା ଖାଦ୍ୟ, ୬ ମାସ ପାଇଁ ପ୍ରତି ପରିବାରକୁ ଆର୍ଥିକ ସହାୟତା ଦାବିରେ ସିପିଆଇଏମ୍‌ର ବିକ୍ଷୋଭ

ଭଦ୍ରକ, (ପିଏନ)- ସିପିଆଇଏମ୍ ପଲିଟି ବ୍ୟୁରୋ ଡାକରାରେ ସାରା ଦେଶରେ ଗତ ୧୭ ତାରିଖ ଠାରୁ ମୋଦି ସରକାର ବିରୋଧୀ ଆନ୍ଦୋଳନ ଜାରି ରହିଛି । ଏହି ପରିପ୍ରେକ୍ଷୀରେ ବିଭିନ୍ନ ଦାବି ନେଇ ସିପିଆଇଏମ ଭଦ୍ରକ ଜିଲ୍ଲା କମିଟି ପକ୍ଷରୁ ସ୍ଥାନୀୟ ବନ୍ତ ଛକଠାରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି । ସମଗ୍ର ବିଶ୍ୱ କରୋନା ମହାମାରୀ କବଳରେ ରହିଛି । ଭାରତ ବର୍ଷ ମଧ ଏଥିରୁ ବାଦ୍ ପଡିନାହିଁ । ଦେଶବାସୀଙ୍କ ଜୀବନ ଓ ଜୀବିକା ସଂକଟମୟ ସ୍ଥିତି ମଧରେ ଗତି କରୁଛି । ଏଭଳି ସମୟରେ କେନ୍ଦ୍ରର ମୋଦି ସରକାର ସଂସଦରେ ଏ ବିଷୟ ଆଲୋଚନା ନ କରି କୃଷିଜାତ ଦ୍ରବ୍ୟ ଡାଲି, ଧାନ, ଆଳୁ, ପିଆଜକୁ ୩ଟି ଅଧାଦେଶ ଜରିଆରେ କର୍ପୋରେଟ କମ୍ପାନୀ ହାତକୁ ଟେକି ଦେଇଛି । ସମସ୍ତ ରାଷ୍ଟ୍ରାୟ ଶିଳ୍ପ ଯଥା ରେଳବାଇ, ବିମାନ ସେବା, ବ୍ୟାଙ୍କ, ଡାକ, ବୀମା, ଖଣିକୁ ଶାଗମାଛ ଦରରେ ଆଦାନୀ, ଅମ୍ବାନୀ ତଥା ବିଦେଶୀ କର୍ପୋରେଟ କମ୍ପାନୀକୁ ଟେକି ଦିଆଯାଉଛି ବୋଲି ବିକ୍ଷୋଭ ଅବସରରେ ଆରୋପ କରାଯାଇଛି । ଦେଶରେ ପେଟ୍ରୋଲ, ଡିଜେଲର ଦରବୃଦ୍ଧିକୁ ନିୟନ୍ତ୍ରଣ କରିବା, ଅତ୍ୟାବଶ୍ୟକ ସାମଗ୍ରୀର ମୂଲ୍ୟରେ ସ୍ଥିରତା ଆଣିବା, କରୋନା ମହାମରୀ ଜନିତ ଗରିବ ଖଟିଖିଆ ରିକ୍‌ସା ଚାଳକ, ନିର୍ମାଣ ଶ୍ରମିକ, ପରିବହନ ଶ୍ରମିକ, ବନ୍ଦର ଶ୍ରମିକ, ଟ୍ରଲି ଚାଳକ ଭଳି ପରିବାରକୁ ମାଗଣା ଖାଦ୍ୟ ଯୋଗାଣ ଓ ପ୍ରତି ପରିବାରକୁ ୬ ମାସ ପାଇଁ ମାସିକ ୭୫୦୦ ଟଙ୍କା ଆର୍ଥିକ ସହାୟତା ଯୋଗାଇବାକୁ ବିକ୍ଷୋଭ ସଭାରେ ଦାବି କରାଯାଇଛି । ପାର୍ଟିର ଜିଲ୍ଲା କମିଟି ସମ୍ପାଦକ ଦିବ୍ୟସିଂହ ନାୟକଙ୍କ ନେତୃତ୍ୱରେ ଅନୁଷ୍ଠିତ ସଭାରେ ସେକ୍ କାସିମ, ସେକ୍ ମନଓ୍ୱର, ସେକ୍ ସିକ୍‌ରୁ, ଗେଜ ମୁଣ୍ଡା, ମ ୁ ମୁଣ୍ଡା, ସେକ୍ ହାଦିକ, ସନାତନ ଦାସ, ସନ୍ତୋଷ ରାଉତ, ସେକ୍ କମର, ସେକ୍ ଅବଦୁଲ ରହେମାନ, ଜଗନ୍ନାଥ ରାଓ, ରାଜୁ ରାଓ, ମେହେମୁଦ୍ ପ୍ରମୁଖ ବିକ୍ଷୋଭ ସଭାରେ ସାମିଲ ହୋଇଥିଲେ ।

## କାରଖାନା ବନ୍ଦ ପାଇଁ ଚକ୍ରାନ୍ତ, ବଢୁଛି ଅସନ୍ତୋଷ

କେନ୍ଦୁଝର, (ପିଏନ): କେନ୍ଦୁଝର ଜିଲ୍ଲାରେ ଖଣିଜ ସଂପଦର ସଦୁପଯୋଗ କରିବା ପାଇଁ ଶିଳ୍ପ ପ୍ରତିଷ୍ଠା ଜରୁରୀ ହୋଇପଡିଛି । ବହୁ କମ୍ପାନୀ ଶିଳ୍ପ ନକରି ଖଣିଜ ପଥର ଚାଲାଣ କରି ଲାଭବାନ ହେଉଥିବାବେଳେ କେତେକ କମ୍ପାନୀ ଖଣିଜ ପଥର ସଦୁପଯୋଗ କରିବା ସହ ଜିଲ୍ଲାର ବିକାଶ ଓ ସ୍ଥାନୀୟ ଅ ଳର ବେକାର ଯୁବକ ଯୁବତୀଙ୍କ ନିଯୁକ୍ତିକୁ ଆଖି ଆଗରେ ରଖି ଶିଳ୍ପ ପ୍ରତିଷ୍ଠା କରିଛନ୍ତି । ତେବେ କେତେକ ମୃଷ୍ଟିମେୟ ନ୍ୟସ୍ତସ୍ୱାର୍ଥ ବ୍ୟକ୍ତି ନିଜର ଫାଇଦା ପାଇଁ ସ୍ଥାନୀୟ ସରଳ ଗରୀବ ଲୋକଙ୍କୁ ମତାଇ ଉକ୍ତ ଶିଳ୍ପ ବନ୍ଦ ପାଇଁ ଚକ୍ରାନ୍ତ ଚଳାଇ ଆସୁଥିବାରୁ ଅସନ୍ତୋଷ ବଢିବାରେ ଲାଗିଛି । ଏଭଳି ଘଟଣା ବାଂଶପାଳ ବ୍ଲକ ଅଁରା ଗ୍ରାମରେ ପ୍ରତିଷ୍ଠିତ ହୋଇଥିବା ଶ୍ରୀ ମେଟାଲିକ୍ସ କାରଖାନାକୁ ବନ୍ଦ କରିବା ପାଇଁ ଷଡଯନ୍ତ୍ର କରାଯାଉଥିବା ନେଇ ସ୍ଥାନୀୟ ଲୋକ କେନ୍ଦୁଝର ଜିଲ୍ଲାପାଳଙ୍କଠାରେ ମଙ୍ଗଳବାର ଦିନ ଅଭିଯୋଗ କରିଛନ୍ତି । ଏହି କାରଖାନା ଆଦିବାସୀ ଅଧ୍ୟୁଷିତ ଅ ଳରେ ନିଯୁକ୍ତି ସୁଯୋଗ ସୃଷ୍ଟି କରିବା ପାଇଁ ୨୦୧୦ ମସିହାରେ ପ୍ରତିଷ୍ଠା ହୋଇ କାର୍ଯ୍ୟକ୍ଷମ ହୋଇଥିଲା । ଏହାଦ୍ୱାରା କାମ ଆଶାରେ ଜମି ଦେଇଥିବା ଶତାଧିକ ପରିବାର ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବେ ଉପର ରାଇଗୋଡା ପ ।ୟତ ସମେତ ମଳଦା,ଫୁଲଝରେ,କୁମୁଣ୍ଡି,ଶୁଆକାଟୀ,ବାଂଶପାଳ ଆଦି ପ ।ୟତର ବହୁ ବେକାର ଯୁବକ ଉପକୃତ ହୋଇ ଆସୁଥିଲେ । ତେବେ କେତେକ କୁଚକ୍ରୀ ଗୋଷ୍ଠୀଙ୍କ ଚକ୍ରାନ୍ତରେ ୨୦୧୪ ମସିହାରେ କାରଖାନା ବନ୍ଦ ହୋଇଯାଇଥିଲା । ଉକ୍ତ ସମୟରେ ସ୍ଥାନୀୟ ଲୋକେ କାମଧନ୍ଦା ହରାଇ ଆର୍ଥିକ ଦୁର୍ଦ୍ଦଶାର ସମ୍ମୁଖୀନ ହୋଇଥିଲେ । କାରଖାନା ପାଇଁ ଜମି ଦେଇଥିବା ଲୋକମାନେ ବାଧ୍ୟ ହୋଇ ଭିଟାମାଟି ଛାଡି କାମଧନ୍ଦା ପାଇଁ ବାହାରକୁ ପଳାଇବାକୁ ବାଧ୍ୟ ହୋଇଥିଲେ । ପରେ ଜମିହରା ଲୋକଙ୍କ ଅନୁରୋଧ ଓ ଅନୁକୁଳ ପରିବେଶ ସୃଷ୍ଟି ହେବା ପରେ ୨୦୧୭ ରେ ପୁନଃ ସ୍ଥାନୀୟ ଲୋକଙ୍କ ସହଯୋଗରେ କାରଖାନା ଚାଲୁ ହୋଇଥିଲା । ଏବେ କେତେକ ନ୍ୟସ୍ତ ସ୍ୱାର୍ଥବାଦୀ ଲୋକ ନିଜର ଫାଇଦା ପାଇଁ ଗରୀବ ଓ ନିରୀହ ଆଦିବାସୀଙ୍କୁ ପ୍ରଲୋଭିତ କରି କାରଖାନାରେ ବିଶୃଙ୍ଖଳା ସୃଷ୍ଟି କରି ବନ୍ଦ କରିବା ପାଇଁ ଉଦ୍ୟମ ଚଳାଇଛନ୍ତି । ଅନେକ ସମୟରେ ମିଥ୍ୟା ଓ ଭି ତ୍ତିହୀନ ଅଭିଯୋଗ କରି କାରଖାନା କ ର୍ତ୍ତୃପକ୍ଷଙ୍କୁ ବିବାଦ ଘେରକୁ ଟାଣି ନେବାକୁ ଚେଷ୍ଟା କରିବା ସହ ଉତ୍ତେ ଜନା ପରିସ୍ଥିତି ସୃଷ୍ଟି କରୁଛନ୍ତି । ସେମାନେ ଗରୀବ ଲୋକଙ୍କୁ ପ୍ରଲୋଭିତ କରି କିମ୍ବା ଧମକଚମକ ଦେଇ କାରଖାନାରେ କାମ କରିବାକୁ ବାରଣ କରୁଛନ୍ତି । ସେମାନଙ୍କୁ ହାତବାରିସି କରି ହିଂସାତ୍ମକ ଆନ୍ଦୋଳନ କରିବା ସହ ଅରାଜକତା ସୃଷ୍ଟି କରି ଶ୍ରୀ ମେଟାଲିକ୍ସ ପ୍ଲା ଣ୍ଟ କୁ ବନ୍ଦ କରିବାକୁ ଉଦ୍ୟମ ଚଳାଇଛନ୍ତି । କାରଖାନା ବନ୍ଦ ହେଲେ ଶହ ଶହ ଜମିହରା ଗ୍ରାମବାସୀ ଏବଂ କାରଖାନା ଉପରେ ନିର୍ଭରଶୀଳ ସ୍ଥାନୀୟ ଅ ଳର ଅଧିବାସୀ ଜୀବନଜୀବିକା ହରାଇବେ ଓ କରୋନା ମହାମାରୀ ସମୟରେ କାମଧନ୍ଦା ହରାଇ ସେମାନଙ୍କର ଆର୍ଥିକ ସ୍ଥିତି ଦୋହଲିଯିବ । ଏଣୁ ଏଥିରେ ଜିଲ୍ଲା ପ୍ରଶାସନ ହସ୍ତକ୍ଷେପ କରି କୁଚକ୍ରୀ ଷଡଯନ୍ତ୍ରକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି କାରଖାନାକୁ ଶାନ୍ତିପୂର୍ଣ୍ଣ ଭାବରେ ପରିଚାଳନା କରିବାକୁ ଅଁରା ଗ୍ରାମବାସୀ ଓ ଶ୍ରୀ ରାଧାକୃଷ୍ଣ ଗ୍ରାମ କମିଟି ତରଫରୁ ଅନୁରୋଧ କରାଯାଇଛି । ଏହାର ଏକକିତା ନକଲ ମୁଖ୍ୟ ଶାସନ ସଚିବଙ୍କୁ ପ୍ରଦାନ କରିବା ସହ କେନ୍ଦୁଝର ଉପଜିଲ୍ଲାପାଳ,ସଦର ଏସ୍‌ଡିପିଓ, ବାଂଶପାଳ ତହସିଲଦାର, ନୟାକୋଟ ଥାନା ଅଧିକାରୀଙ୍କୁ ପ୍ରଦାନ କରିଛନ୍ତି ।

## ଭୁବନ ବିଜେପି ତରଫରୁ ସେବା ସପ୍ତାହ ଉଦଯାପିତ

ଭୁବନ, (ପିଏନ)- ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ୭୦ ତମ ଜନ୍ମଜୟନ୍ତୀ ଅବସରରେ ଭୁବନ ବିଜେପି ତରଫରୁ ଅନୁଷ୍ଠିତ ସେବା ସପ୍ତାହ କାର୍ଯ୍ୟକ୍ରମ ଉଦଯାପିତ ହୋଇଯାଇଛି । ବୃକ୍ଷରୋପଣ,ଦିବ୍ୟାଙ୍ଗ ଙ୍କୁ ଉପକରଣ ବଣ୍ଟନ,ଡାକ୍ତରଖାନାରେ ରୋଗୀଙ୍କୁ ଫଳ ବଣ୍ଟନ,ରକ୍ତଦାନ ଶିବିର ଏବଂ ଅନ୍ତିମ ଦିବସରେ ଗତକାଲି ପ୍ରସିଦ୍ଧ ଶୈବପୀଠ ବାବା ବୁଦ୍ଧେଶ୍ୱରଙ୍କ ମନ୍ଦିର ପରିସରରେ ସ୍ୱଚ୍ଛଭାରତ କାର୍ଯ୍ୟକ୍ରମ କରାଯାଇ ସେବା ସପ୍ତାହ ଉଦଯାପିତ ହୋଇଥିଲା । ଭୁବନ ନଗରମଣ୍ଡଳ ସଭାପତି ଭବାନୀ ଶଙ୍କର ବେହେରା ଙ୍କ ନେତୃତ୍ୱରେ ଆୟୋଜିତ ସମସ୍ତ କାର୍ଯ୍ୟକ୍ରମରେ କାମାକ୍ଷାନଗର ବିଧାୟକ ପ୍ରାର୍ଥୀ ତଥା ବରିଷ୍ଠ ବିଜେପି ନେତା ଶତ୍ରୁଘ୍ନ ଜେନା ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ । ମଣ୍ଡଳ ସାଧାରଣ ସଂପାଦକ ସୁରେନ୍ଦ୍ର କୁମାର ପୃଷ୍ଟି, ଯୁବମୋର୍ଚ୍ଚା ସଭାପତି ନିର୍ମଳ ଗୁରୁ, ପୂର୍ବତନ କାନସିଲର ମାୟାଧର ଗୁରୁ,ପବିତ୍ର ସାହୁ,ଗଣେଶ୍ୱର ନାୟକ,ସୁଶାନ୍ତ ନାୟକ,ସନ୍ତୋଷ ରାଉଳ,ନିରଂଜନ ଗୁରୁ, ମଳୟ ତ୍ରିପାଠୀ,ଜଗବନ୍ଧୁ ଗୁରୁ,ଅଜିତ ସାହୁ,ସଂଜୟ ଗୁରୁ,ନାରୀନେତ୍ରୀ ସରୋଜିନୀ ରଣା,ଅମ୍ବିକା ବେଜ,ସୁକାନ୍ତି ବେହେରା ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମକୁ ସଫଳ କରିଥିଲେ । ଅନୁରୂପ ଭାବେ ଭୁବନ ବ୍ଲକର ମହୁଲପାଳ ମଣ୍ଡଳ ସଭାପତି ଚୈତନ୍ୟ ବେହେରା,ମୃଦଙ୍ଗା ସରପଂଚ ଅଶୋକ ଦତ,ମହୁଲପାଳ ସରପଂଚ ମମତା ସାହୁ,ଗଗନ ବିହାରୀ ସାହୁ ଏବଂ ବାରଅାଁ ମଣ୍ଡଳ ତରଫରୁ ସଭାପତି ସଂଜୟ ଦାସ ଙ୍କ ନେତୃତ୍ୱରେ ରସାନନ୍ଦ ମହାପାତ୍ର, ଜିଲ୍ଲା ସାଧାରଣ ସଂପାଦକ ପ୍ରେମାନନ୍ଦ ଜେନା ଙ୍କ ସହଯୋଗରେ ସେବା ସପ୍ତାହ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।

2025-2026
ADMISSION OPEN
Maharishi Public School, Baripada
STD-NURSERY TO VIII
ENROLL YOUR CHILD TODAY
Special discount for new admission before 15.03.2024
Find the Difference
- Small Classes
- Experienced, trained & loving teachers.
- Individual attention to each child.
- Regular meditation and yoga.
- Unique exam system, evaluation & Principles etc.
25% reservation as per RTE Act (2009)
MAHARISHI PUBLIC SCHOOL
Baghra Road, Baripada
For details
Contact :
Call-9438102188, 06792-255227
Time : 8.00 A.M. to 12.00 noon
E-mail- mps.bpd@gmail.com
Find us on
Facebook.com/Mps, Baripada

## ଭୁବନ ସିଏଚସିରେ ୬୧ ଜଣଙ୍କର ଆଂଟିଜେନ ଟେଷ୍ଟ ହେଲା

ଭୁବନ, (ପିଏନ)- ଭୁବନ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଗତ ଅଗଷ୍ଟ ୧୧ ତାରିଖ ମଙ୍ଗଳବାର ଠାରୁ ଆଂଟିଜେନ ଟେଷ୍ଟିଂ ଆରମ୍ଭ ହୋଇଥିବା ବେଳେ ଆଜି ସମୁଦାୟ ୬୧ ଜଣ ବ୍ୟକ୍ତି ଟେଷ୍ଟିଂ କରିଥିଲେ । ତେବେ ଆଜି ସୁଦ୍ଧା ୨୩୬୯ ଜଣ ବ୍ୟକ୍ତି ଆଂଟିଜେନ ଟେଷ୍ଟ କରିଥିବା ଜଣାପଡିଛି । ଭୁବନ ଏନଏସିରେ ଦିନକୁ ଦିନ ଥଣ୍ଡା,କାଶ,ଜ୍ୱର ସହିତ କରୋନା ସଂକ୍ରମିତ (ପଜିଟିଭ) ଙ୍କ ସଂଖ୍ୟା ବୃଦ୍ଧି ପାଇ ପାଖାପାଖି ୫ ଶହରେ ପହଁଚିଥିବାରୁ ଲୋକମାନେ ନିଜର ସୁରକ୍ଷା ଓ ସ୍ୱାସ୍ଥ୍ୟରକ୍ଷା ପାଇଁ ଅଧିକ ରୁ ଅଧିକ ସଂଖ୍ୟାରେ ଆଂଟିଜେନ ଟେଷ୍ଟ କରିବାକୁ ଡାକ୍ତରଖାନାରେ ଗହଳି କରୁଥିବା ଦେଖିବାକୁ ମିଳୁଛି ।

## ଉପଖଣ୍ଡ ଚିକିତ୍ସାଳୟରେ ବ୍ଲଡ ଷ୍ଟୋରେଜ ୟୁନିଟ୍‌କୁ କାର୍ଯ୍ୟକ୍ଷମ ଦାବୀ

ନୂଆପଡା, (ପିଏନ)- ନୂଆପଡା ଜିଲ୍ଲା ଖଡିଆଳ ସ୍ଥିତ ଉପଖଣ୍ଡ ସ୍ୱାସ୍ଥ୍ୟ କେନ୍ଦ୍ରରେ ଗତ ୩ ବର୍ଷ ତଳେ ବ୍ଲଡ ଷ୍ଟୋରେଜ ୟୁନିଟ ଖୋଲାଯାଇଥିଲା । ହେଲେ ଆବଶ୍ୟକ ରକ୍ତ ସଂଗ୍ରହ ହୋଇ ପାରୁନଥିବା ଯୋଗୁଁ ଏହି ୟୁନିଟ ବନ୍ଦ କରି ଦିଆଯାଇଥିବା ଜଣାପଡିଛି । ଫଳରେ ଏହି ୟୁନିଟକୁ ତୁରନ୍ତ କାର୍ଯ୍ୟକ୍ଷମ କରିବାକୁ ସାଧାରଣରେ ଦାବୀ ହେଉଛି । ନୂଆପଡା ଜିଲ୍ଲାର ପ୍ରମୁଖ ଏବଂ ମୁଖ୍ୟସ୍ଥଳୀ ଭାବରେ ଖଡିଆଳ ଜଣାଶୁଣା । ଏଠାରେ ରକ୍ତ ଅଭାବରୁ ଅନେକ ରୋଗୀ ଉପଯୁକ୍ତ ଚିକିତ୍ସା ସେବା ପାଇ ପାରୁନଥିବା ବେଳେ ବ୍ଲଡ ଷ୍ଟୋରେଜ ୟୁନିଟର ନିତାନ୍ତ ଆବଶ୍ୟକତା ରହିଛି । ରାଜ୍ୟ ସରକାର ତଥା ଜିଲ୍ଲା ପ୍ରଶାସନ ତରଫରୁ ପ୍ରତିମାସରେ ରକ୍ତଦାନ ଶିବିର ଆୟୋଜନ କରି ଆବଶ୍ୟକ ରକ୍ତ ମହଜୁଦ ରଖିବାକୁ ଇତିପୂର୍ବେ ଖଡିଆଳ ଉପଖଣ୍ଡ ଚିକିତ୍ସାଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ । ତଦନୁରୁପ ଖଡିଆଳ ଉପଖଣ୍ଡ ଚିକିତ୍ସାଧିକାରୀ ରକ୍ତଦାନ ଶିବିର ଆୟୋଜନ ପାଇଁ ବୈଠକ ମଧ୍ୟ କରିଥିଲେ । କିନ୍ତୁ କୌଣସି କାରଣ ନଥାଇ ତାହାକୁ ବିନା କାରଣରେ ବନ୍ଦ କରି ଦିଆଯାଇଛି । ଖଡିଆଳ ସ୍ୱାସ୍ଥ୍ୟ କେନ୍ଦ୍ରକୁ ପ୍ରସୂତୀ ଅସ୍ତ୍ରୋପ୍ରଚାର କେନ୍ଦ୍ର ରୁପେ ଜିଲ୍ଲା ପ୍ରଶାସନ ସ୍ୱୀକୃତି ଦେଇଥିବା ବେଳେ ଆନୁସାଙ୍ଗିକ ବ୍ୟବସ୍ଥା ନହେବା କାରଣରୁ ଅନେକ ଗର୍ଭବତୀ ମହିଳା ମାନେ ସ୍ୱାସ୍ଥ୍ୟକେନ୍ଦ୍ରରେ ପ୍ରସବ କରିବାକୁ ବିଫଳ ହେଉଛନ୍ତି । ଖଡିଆଳ ସ୍ୱାସ୍ଥ୍ୟକେନ୍ଦ୍ରରେ ଦୈନିକ ଦୈନିକ ୧୦ ରୁ ଉର୍ଦ୍ଧ ମାଁ ପ୍ରସବ କରୁଛନ୍ତି । କିନ୍ତୁ ଅନେକ ମାଁଙ୍କୁ ରକ୍ତ ମିଳୁନଥିବା ଯୋଗୁଁ ଶିଶୁ ଜନ୍ମ ଦେଲା ପରେ ମଧ୍ୟ ନୂଆପଡା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପ୍ରସୂତୀଙ୍କୁ ନେବାକୁ ବାଧ୍ୟ ହେଉଛନ୍ତି । ବ୍ଲଡ ଷ୍ଟୋରେଜ ୟୁନିଟ କାର୍ଯ୍ୟକ୍ଷମ ହେଲେ ଅନେକ ପ୍ରସୂତୀ ମାଁ ସମେତ ଅନ୍ୟାନ୍ୟ ରୋଗୀ ମାନେ ଉପକୃତ ହୋଇପାରନ୍ତେ ବୋଲି ଖଡିଆଳ ବୁଦ୍ଧିଜିବୀ ପ୍ରକାଶ କରିଛନ୍ତି । ଜିଲ୍ଲା ପ୍ରଶାସନ ତୁରନ୍ତ ଦୃଷ୍ଟି ଦେଇ ବ୍ଲଡ ଷ୍ଟୋରେଜ ୟୁନିଟକୁ କାର୍ଯ୍ୟକ୍ଷମ କରିବାକୁ ସାଧାରଣରେ ଦାବୀ ହେଉଛି ।

## ଜିଲ୍ଲା ସ୍ତରୀୟ ସଂସଦ କ୍ଷେତ୍ର ସଡକ ସୁରକ୍ଷା କମିଟି ବୈଠକ ଅନୁଷ୍ଠିତ



ରାୟଗଡ,(ପି.ଏନ): ଆଜି ରୟାଗଡ଼ ମାନ୍ୟବର କୋରାପୁଟ ଲୋକସଭା ସାଂସଦ ଶ୍ରୀଯୁକ୍ତ ସପ୍ତଗିରି ଉଲ୍ଲକାଙ୍କ ଅଧକ୍ଷତକ୍ଷରେ ଅଧକ୍ଷତରେ ଜିଲ୍ଲାସ୍ତରୀୟ ସାଂସଦ କ୍ଷେତ୍ର ସଡକ ସୁରକ୍ଷକ୍ଷ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ମାବ୍ୟବର କୋରାପୁଟ ଲୋକସଭା ସାଂସଦ ଶ୍ରୀଯୁକ୍ତ ଉଲ୍ଲକା,ମାନ୍ୟବର ରାୟଗଡ ବିଧାୟକ ଶ୍ରୀଯୁକ୍ତ ଆପାଳ ସ୍ୱାମୀ କାଡ୍ରାକକ୍ଷ, ଗୁଣୁପୁର ବିଧାୟକ,, ଶ୍ରୀଯୁକ୍ତ ସତ୍ୟଜିତ ଗମାଙ୍ଗ, ଜିଲ୍ଲାପାଳ ଶ୍ରୀମତୀ ପାରୁଲ ପଟାଓ୍ୱରୀ,ସିଡିଓ ତଥା ଇଓ ଜିଲ୍ଲା ପରିଷଦ ଶ୍ରୀ ଅକ୍ଷୟ କୁମାର ଖେମୁଣ୍ଡୁ ଆଦି ଯୋଗଦାନ କରି ଜିଲ୍ଲାରେ ସଡକ ଦୁର୍ଘଟଣା ମାମଲା ହ୍ରାସ କରିବା ନିମନ୍ତେ ଆଲୋଚ଼ନା କରିଥିଲେ କ୍ଷ ସଡ଼କ ସୁରକ୍ଷା ନିମନ୍ତେ ବ୍ୟାପକ ଜନସଚେତନତା ସୃଷ୍ଟି କଲେ ମଧ ଦୁର୍ଘଟଣା ଜନିତ ମୃତ୍ୟ ହ୍ରାସ ପାଉ ନଥିବାରୁ ମାନ୍ୟବର ସାଂସଦ ଏହି ବୈଠକରେ ଉଦବେଗ ପ୍ରକାଶ କରିଥିଲେ କ୍ଷ ସେହିପରି ମାନ୍ୟବର ବିଧାୟକ ରକ୍ଷୟଗଡ଼ ଓ ଗୁଣୁପୁର ଜିଲ୍ଲାର ବିଭିନ୍ନ କ୍ଷେତ୍ରରେ ବ୍ୟାପକ ଜଣସଚେତନତା ସୃଷ୍ଟି କରିବାକୁ କହିଥିଲେ ଓ ସେଥିର ନିଜେ ସାମିଲ ହେବାକୁ କହିଥିଲେ । ଏହି ବୈଠକରେ ଆଞ୍ଚଳିକ ପରିବହନ ଅଧିକକ୍ଷରୀ ଶ୍ରୀ ଶିବ ଶଙ୍କର ଚୌଧୁରୀ ବିସ୍ତୃତ୍ୱ ଭାବରେ ସଡକ ସୁରକ୍ଷା କମିଟିର ଭୂମିକା ଓ ପଦକ୍ଷେପ ସମ୍ପର୍କରେ ଉପସ୍ଥାପନା କରିଥିଲେ ।ଜିଲ୍ଲାରେ ବର୍ତମାନ ସୁଦ୍ଧା ୧,୮୧,୬୦୦ଟି ଗାଡି ପଞ୍ଜିକୃତ ହୋଇଥିବା ବେଳେ ୧,୪୩, ୪୬୪ଟି ଗାଡ଼ି ଚ଼ଳାଚ଼ଳ କରୁଛନ୍ତି କ୍ଷ ପ୍ରତ୍ୟେକ ବର୍ଷେ ଗାଡ଼ି ପଞ୍ଜିକରଣ ଜିଲ୍ଲାରେ ୧୬%ବୃଦ୍ଧି ପାଉଥିବା ପ୍ରକାଶ କରିଥିଲେ । ଏହି କମିଟି ଜିଲ୍ଲାରେ ସଡକ ଦୁର୍ଘଟଣା ଜନିତ ମୃତ୍ୟୁକୁ ହ୍ରାସ କରିବା ନିମନ୍ତେ ପରିଚ଼ାଳନା କରିବା, ଦୁର୍ଘଟଣା ଜନିତ କରଣ ଅନୁଧ୍ୟାନ କରି ଚ଼ିହ୍ନଟ କରିବା, ଦୁର୍ଘଟଣା ସ୍ଥଳ ଚ଼ିହ୍ନଟ କରିବା,ଦୁର୍ଘଟଣା ହ୍ରାସ କରିବା ପାଇଁ ସଡକ ସୁରକ୍ଷା କାର୍ଯ୍ୟ ଯୋଜନାକୁ ସୃଷ୍ଟି କରିବା ଓ କାର୍ଯ୍ୟକାରି କରିବା ଉପରେ ଧ୍ୟାନ ଦେବା । ସଚେତନତା ସମ୍ବନ୍ଧୀୟ ୪ଟାକାର୍ଯ୍ୟ ଯଥା ଶିକ୍ଷକ,କଡାକଡି ଯାଞ୍ଚ କରିବା, ଆଶୁ ଚ଼ିକିତ୍ସା ଏବଂ ଇଂଜିନରିଙ୍ଗ କାର୍ଯ୍ୟକାରୀ କରିବା ଆଦି ଉପରେ ଆଲୋଚ଼ନା କରାଯାଇଥିଲା ।ସଡ଼କ ସୁରକ୍ଷା ମାସ ଜାନୁଆରୀ ୧ ତାରିଖ ଠାରୁ ଆରମ୍ଭ କରାଯାଇ ଆସନ୍ତା ଜାନୁଆରୀ ୩୧ତାରିଖ ଯାଏଁ ଜିଲ୍ଲାରେ ପାଳନ କରାଯାଉଛି । ଆଜିର ଏହି ବୈଠକରେ ଅନ୍ୟମାନଙ୍କ ଅତିରକ୍ତ ଆରଟିଓ,ଏମ୍ଭିଆଇ ରାଜ କୁମାର ବେହେରା,ଆରଟିଓ ଅଫିସର କର୍ମଚ଼ାରୀ,ବସ ମାଲିକ ସଙ୍ଘ, ଟ୍ରକ ମାଲିକସଙ୍ଘ,ଅଟଆସୋସିଏସନ,ଡ୍ରାଇଭର ମହାସଂଘ ଓ ଜନସାଧାରଣ ଆଦି ବହୁ ସଂଖ୍ୟାରେ ସାମିଲ ହୋଇ ରକ୍ତ ଦାନ କରିଥିଲେ ।

୨୭ତମ ପ୍ରତିଷ୍ଠା ଦିବସ ଅଭିନନ୍ଦନ
ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ
ଖେଳ ପର୍ଯ୍ୟବେକ୍ଷକ
Bhubaneswar Tuesday May 13 | ଭୁବନେଶ୍ୱର ମଙ୍ଗଳବାର, ୧୩, ୨୦୨୫ | Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 | www.paryabekhyak.com


# ପାରାଦୀପରେ ପ୍ରେସିଡେଣ୍ଟ କପ ଗଲ୍ଫ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ



ପାରାଦୀପ,(ପି.ଏନ): ପାରାଦୀପ ଗଲ୍ଫ ପଡିଆ ଠାରେ ରବିବାର ଦିନ ଏକ ଦିନିକିଆ ପ୍ରେସିଡେଣ୍ଟ କପ ଗଲ୍ଫ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଯାଇଛି କ୍ଷ ପାରାଦୀପ ଗଲ୍ଫ କ୍ଲବ ଦ୍ୱାରା ଆୟୋଜିତ ଏହି ଟୁର୍ଣ୍ଣାମେଣ୍ଟରେ ହାଣ୍ଡିକ୍ୟାପ କ୍ଟ-୧୮ ବର୍ଗରେ ଓସ୍କାର ଡୁଙ୍ଗଡୁଙ୍ଗ ଚମ୍ପିୟନ ହୋଇଥିବା ବେଳେ ରଞ୍ଜିତ କୁମାର ବୋମାଲୀ ବେଷ୍ଟ କ୍ରସର ଓ ଦୀପକ କୁମାର ଷଡଙ୍ଗୀ ରନର୍ସଅପ ହୋଇଥିଲେ କ୍ଷ ୧୯-୨୪ ବର୍ଗରେ ନୀଳାଭ୍ର ଦାସଗୁପ୍ତା ଚମ୍ପିୟନ, ସୁବାସ ଆଚାର୍ଯ୍ୟ ରନର୍ସଅପ,ଲଙ୍ଗେଷ୍ଟ ଡ୍ରାଇଭ ରେ ଧର୍ମେନ୍ଦ୍ର ମିଶ୍ର ଓ ନିଅରେଷ୍ଟ ଟୁ ପିନ ରେ ବବଲୁ ସିକଦାର ବିଜେତା ହୋଇଥିଲେ । ସେହିପରି ମହିଳା ପୁଟିଙ୍ଗ ବିଭାଗରେ ମିସ ସାଗରିକା ଗୋପ ଚମ୍ପିୟନ,ପ୍ରଥମ ରନର୍ସଅପ ଭାବେ ଶ୍ରୀମତୀ ମଧୁସ୍ମିତା ସେଠୀ ଓ ଦ୍ୱିତୀୟ ରନର୍ସଅପ ଭାବେ ଅମ୍ବାରିକା ସୁତାର ବିଜୟୀ ହୋଇଥିଲେ । ଏହି ଅବସରରେ ପାରାଦୀପ ବନ୍ଦର ଅଧ୍ୟକ୍ଷ ପି.ଏଲ.ହରନାଦ ମୁଖ୍ୟ ଅତିଥି ଏବଂ ଉପାଧ୍ୟକ୍ଷ ନୀଳାଭ୍ର ଦାସଗୁପ୍ତା ସମ୍ମାନିତ ଅତିଥି ଭାବେ ଯୋଗଦେଇ ବିଜେତା ଖେଳାଳି ମାନଙ୍କୁ ଟ୍ରଫି ଓ ପୁରସ୍କାର ପ୍ରଦାନ କରିଥିଲେ କ୍ଷ ଅନ୍ୟମାନଙ୍କ ମଧ୍ୟରେ ବନ୍ଦର ସିଏମଇ ସୁଶୀଲ ଚନ୍ଦ୍ର ନାହାକ, ଡେପୁଟି ସିଏମଇ ମଣିପୁଷ୍ପକ ସେଠୀ, ଡେପୁଟି ସିଇଇ ଚନ୍ଦନ ପାଣିଗ୍ରାହୀ,କୋଷ୍ଟଗାର୍ଡ ଡିଆଇଜି ସଞ୍ଜୟ ନେଗୀ, ସିଆଇଏସଏଫ କମାଣ୍ଡାଣ୍ଟ ସନତ ପଟେଲ,କେଆଇସିଟି କମ୍ପାନୀ ସିଇଓ ସୁଧିର ମୁଲଗଡା ପ୍ରମୁଖ ଅତିଥି ଭାବେ ଉପସ୍ଥିତ ଥିଲେ । ଏହି ଟୁର୍ଣ୍ଣାମେଣ୍ଟ କୁ ପାରାଦୀପ ଗଲ୍ଫ କ୍ଲବ ର ସଭାପତି ତଥା ବନ୍ଦର ମୁଖ୍ୟ ଅର୍ଥ ପରାମର୍ଶଦାତା ଧର୍ମେନ୍ଦ୍ର ନାଥ ସୋନ୍ଧୀ, କ୍ଲବ ର କାର୍ଯ୍ୟକାରୀ ସଭାପତି ବବଲୁ ସିକଦାର, ଅଧିନାୟକ ଅକ୍ଷୟ ଚନ୍ଦ୍ର ସୁତାର, ଗୋପବନ୍ଧୁ କ୍ରୀଡା ସଂସଦ ର କାର୍ଯ୍ୟକାରୀ ସଭାପତି ଡା.ଦୁର୍ଗା ପ୍ରସାଦ ସେଠୀ ଓ ଉପସଭାପତି ସୁବାସ ଆଚାର୍ଯ୍ୟ ପ୍ରମୁଖ ସଫଳତାର ସହ ପରିଚାଳନା କରିଥିଲେ ।

# ନିଆରା ସମାଜ ସଂସ୍କାରକ ଥିଲେ ଗୌତମ ବୁଦ୍ଧ




ଜଗତସିଂହପୁର,(ପି.ଏନ): ଜଗତସିଂହପୁର, ଏରସମା ଓ ବାଲିକୁଦା ବ୍ଲକର ବରିଷ୍ଠ ନାଗରିକଙ୍କ ପକ୍ଷରୁ ଭଗବାନ ବୁଦ୍ଧଙ୍କ ଜୟନ୍ତୀ ସ୍ଥାନୀୟ ପୋଥପଡା ସ୍ଥିତ କପିଳେଶ୍ୱର ମହାଦେବଙ୍କ ପୀଠରେ ଅନୁଷ୍ଠିତ ହୋଇଯାଇଛି । ଶିକ୍ଷାବିତ୍ ରବୀନ୍ଦ୍ର ନାଥ ତ୍ରିପାଠୀ ଭଗବାନ ବୁଦ୍ଧ ଓ ବୁଦ୍ଧପୂର୍ଣ୍ଣିମାର ତାତ୍ପର୍ଯ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ । ମୁଖ୍ୟ ଆଲୋଚକ ଭାବେ ଅବସରପ୍ରାପ୍ତ ଅଧ୍ୟାପକ ହିମାଂଶୁ ଆଚାର୍ଯ୍ୟ ତାଙ୍କ ବକ୍ତବ୍ୟରେ କହିଥିଲେ ଯେ ଯେଉଁ କେତେଜଣ ସମାଜ ସଂସ୍କାରକ ପୃଥିବୀ ପୃଷ୍ଠରେ ଜନ୍ମ ନେଇ ସମାଜର ପରିବ ର୍ତ୍ତନ ପାଇଁ ସେବା ଓ ତ୍ୟାଗ ଦେଇ ନିଜକୁ ଉତ୍ସର୍ଗ କରିଯାଇଛନ୍ତି ସେମାନଙ୍କ ମଧ୍ୟରୁ ରାଜ କୁମାର ସିଦ୍ଧାର୍ଥ ବା ଗୌତମବୁଦ୍ଧ ଥିଲେ ଅନ୍ୟତମ । ଅନ୍ୟତମ ଆଲୋଚକ ଭାବେ ପ୍ରଫୁଲ୍ଲ କୁମାର ଷଡଙ୍ଗୀ ଆଲୋଚନାରେ ଭାଗନେଇ ଶାନ୍ତି, ମୈତ୍ରୀ ଓ କରୁଣାର ପ୍ରତୀକ ଥିଲେ ଭଗବାନ ବୁଦ୍ଧ । ଏବେ ବି ତାଙ୍କ ବାଣୀ ଏ ସଂସାର ଦୁଃଖପୂର୍ଣ୍ଣ, ଦୁଃଖର କାରଣ ତୃଷା ବା କାମନା , କାମନାର ବିନାଶରେ ଦୁଃଖର ବିନାଶ ଓ ଦୁଃଖର ବିନାଶରେ ମୋକ୍ଷ ପ୍ରାପ୍ତିର ପ୍ରାସଙ୍ଗିକତା ରହିଛି । ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷାବିତ୍ ବଂଶୀଧର ଆଚାର୍ଯ୍ୟ, ବିଷ୍ଣୁଚରଣ ପରିଡା, ସୁରେଶଚନ୍ଦ୍ର ରାଉତ, ପବିତ୍ର ଗୋଛାୟତ, ଚନ୍ଦ୍ରଶେଖର ଶତପଥୀ, କିଶୋର କୁମାର ତ୍ରିପାଠୀ , ରଜତ ପରିଡା, ବିଜୟ ରାଉତ, ମାନସ ପରିଡା, ଅଜୟ ପତି ଓ କନକଲତା ମୁଦୁଲି ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ଏହି ଅବସରରେ ପାକସ୍ତାନର ଆତଙ୍କବାଦୀ ହାମଲାକୁ ଭାରତୀୟ ସେନାମାନେ ଅପରେସନ ସିନ୍ଦୂର ଜରିଆରେ ଯେପରି ମୁକାବିଲାକରି ସଫଳ ହେଲେ ନାଗରିକ ମ ପକ୍ଷରୁ ତାର ଉଚ୍ଚ ପ୍ରଶଂସା କରାଯାଇଥିଲା । ଏଥିସହିତ ଏହି ସାମରିକ କାର୍ଯ୍ୟାନୁଷ୍ଠାନରେ ଦେଶ ପାଇଁ ସହିଦ ହୋଇଥିବା ବୀର ଯବାନମାନଙ୍କର ସ୍ମୃତିରେ ଦୁଇମିନିଟି ନିରବ ପ୍ରାର୍ଥନା କରାଯାଇ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା । ଶେଷରେ କା ର୍ତ୍ତିକ ଚନ୍ଦ୍ର ମୁଦୁଲି ଧନ୍ୟବାଦ ଦେଇଥିଲେ ।

# ମା ମଙ୍ଗଳା ପୀଠରେ ବାର୍ଷିକ ଉତ୍ସବ

ବାସୁଦେବପୁର,(ପି.ଏନ): ବାର ମାସରେ ତେର ପର୍ବ। ମହାବିଷୁବ ସଂକ୍ରାନ୍ତି ବା ପଣା ସଂକ୍ରାନ୍ତି ରେ ସମସ୍ତ ଦେବାଦେବୀ ଉତ୍ସବ ମୁଖର ହୋଇଥିବାବେଳେ ଏବେ ଏକ ଶକ୍ତି ପୀଠ ରେ ମହାଆଡମ୍ବରରେ ଚାଲିଛି ତ୍ରିଦିବସୀୟ ବାର୍ଷିକ ଉତ୍ସବ। ବିଶ୍ୱର ଶାନ୍ତି ପାଇଁ ତଥା ଜଗତ କଲ୍ୟାଣ ପାଇଁ ଦେବୀ ପୀଠ ରେ ଚାଲିଛି ମହାଯଜ୍ଞ। ଏମିତି ଏକ ଦୃଶ୍ୟ ଦେଖିବାକୁ ମିଳିଛି ଭଦ୍ରକ ଜିଲ୍ଲାର ବାସୁଦେବପୁର ବ୍ଲକ ଅନ୍ତର୍ଗତ ଆଉୁଙ୍ଗ ଗ୍ରାମ ରେ। ଏହି ଗ୍ରାମରେ ଥିବା ଆଦ୍ୟାଶକ୍ତି ସିଂହବାହିନୀ ପରମବୈଷ୍ଣବୀ ମା କଟି ମଙ୍ଗଳା ମନ୍ଦିର ରେ ଚଣ୍ଡୀ ପାଠ। ହରି ବୋଲି, ହୁଳହୁଳି ସହ ଶଙ୍ଖ ଓ ଘଣ୍ଟ ଧ୍ୱନି ଦେବୀ ପୀଠ ପ୍ରକମ୍ପିତ ହେଉଛି। ତ୍ରିଦିବସୀୟ ଏହି ଜଜ୍ଞାନୁଷ୍ଠାନ ର ଆଜି ପୂର୍ଣ୍ଣାହୁତି ପ୍ରଦାନ କରାଯିବ। ଅଧିବାସ ପୂଜା ଠାରୁ ଆରମ୍ଭ କରି ସୂର୍ଯ୍ୟ ପୂଜା,ଭୂ ଦେବୀପୂଜା,ଗୋ ପୂଜା, ଗୁରୁ ପୂଜା, ମାତୃପିତୃ ପୂଜା, ସର୍ବ ଦେବାଦେବୀ ପୂଜା ଇତ୍ୟାଦି ସମସ୍ତ ନୀତି କାନ୍ତି ନିର୍ଦ୍ଧାରିତ ସମୟ ମଧ୍ୟରେ ଚାଲିଛି ବୋଲି ମୁଖ୍ୟ ପୂଜକ ଶ୍ରୀ ବିଜୟ କିଷାନ ସନ୍ଧିବିଗ୍ର ପ୍ରକାଶ କରିଛନ୍ତି। କଳସ ଶୋଭା ଯାତ୍ରା ରେ ବହୁ ଶ୍ରଦ୍ଧାଳୁ ଭକ୍ତମାନେ ବାଣ ରୁସଣୀ ବାଦ୍ୟସହ ଗ୍ରାମ ପରିକ୍ରମା କରିଥିଲେ। ଚାରି ଜଣ ପୁରୋହିତ ପୂଜା ପାଠ ରେ ନିୟୋଜିତ ଅଛନ୍ତି। ବହୁ ଶ୍ରଦ୍ଧାଳୁ ଭକ୍ତମାନେ ଉପସ୍ଥିତ ଥିବା ର ଦେଖାଯାଏ। ଭକ୍ତମାନେ ପ୍ରସାଦ ସେବନ କରି ଉଲ୍ଲାସ ଥିବା ର ଦେଖାଯାଏ। ବରିଷ୍ଠ ସାହିତ୍ୟିକ ତଥା ସମାଜସେବୀ ଶ୍ରୀଯୁକ୍ତ ସୀତା କାନ୍ତ ରାଉତ ଙ୍କ ତତ୍ତ୍ୱାବଧାନରେ ସମସ୍ତ କାର୍ଯ୍ୟ ଚାଲୁ ରହିଛି। ଆଜି ପୂର୍ଣ୍ଣାହୁତି ରେ ଶହଶହ ସଂଖ୍ୟା ରେ ଭକ୍ତ ରୁଣ୍ଡି ଭୂତ ହେବାର ଅନୁମାନ କରାଯାଏ।ସମସ୍ତ ଭକ୍ତ ମାନଙ୍କ ପାଇଁ ପ୍ରସାଦ ସେବନ ର ବ୍ୟବସ୍ଥା କରାଯାଇଛି ବୋଲି ଅନୁଷ୍ଠାନ ର ମୁଖ୍ୟ ପ୍ରକାଶ କରିଛନ୍ତି।

# ଜିଲ୍ଲା ଭିଜିଲାନ୍ସ କମିଟିର ସଦସ୍ୟା ଭାବେ ସମାଜସେବୀ ସ୍ନେହମୟୀ ଆଚାର୍ଯ୍ୟ ମନୋନୀତ



ପାରାଦୀପ/ଜଗତସିଂହପୁର, (ପି.ଏନ): ଜଗତସିଂପୁର ଜିଲ୍ଲାର ଜଣାଶୁଣା ସମାଜସେବୀ ତଥା ବ୍ୟାସ ଫାଉଣ୍ଡେସନ ର ଅଧ୍ୟକ୍ଷା ଶ୍ରୀମତୀ ସ୍ନେହମୟୀ ଆଚାର୍ଯ୍ୟ ଙ୍କ ନିଷ୍ଠାପର ସେବା କାର୍ଯ୍ୟ ଓ ଦକ୍ଷତାଆଧାରରେ ତାଙ୍କୁ ଜିଲ୍ଲା ଭିଜିଲାନ୍ସ କମିଟି ର ସଦସ୍ୟା ଭାବେ ମନୋନୀତ କରାଯାଇଛି । ଏଥିପୂର୍ବରୁ ଶ୍ରୀମତୀ ଆଚାର୍ଯ୍ୟ ଜିଲ୍ଲା ଦୁର୍ନୀତି ନିବାରଣ କମିଟିର ସଦସ୍ୟା, ସମାଗୋଳ ଉପକାରାଗାର ର ପର୍ଯ୍ୟବେକ୍ଷିକା ଏବଂ ବିବିଧ କ୍ଷେତ୍ରରେ ସଫଳତାର ସହ କାର୍ଯ୍ୟ କରିଆସୁଛନ୍ତି । ବ୍ୟାସ ଫାଉଣ୍ଡେସନର ଅଧ୍ୟକ୍ଷା ଶ୍ରୀମତୀ ସ୍ନେହମୟୀ ଆଚାର୍ଯ୍ୟ ଦୈନନ୍ଦିନ ବିଭିନ୍ନ ସେବା କାର୍ଯ୍ୟ କରି ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛନ୍ତି। ଶ୍ରୀମତୀ ଆଚାର୍ଯ୍ୟଙ୍କ ସମେତ ଏହି ଭିଜିଲାନ୍ସ କମିଟିରେ ସୁଶ୍ରୀ ପ୍ରିୟଦର୍ଶିନୀ, ପ୍ରତାପ ଚନ୍ଦ୍ର ବେହେରା, ଦେବେନ୍ଦ୍ର କୁମାର ମଲ୍ଲିକ, ପୂର୍ଣ୍ଣଚନ୍ଦ୍ର ମଲ୍ଲ ଓ ଅନ୍ୟାନ୍ୟ ସରକାରୀ ଅଧିକାରୀ ମାନେ ରହିଛନ୍ତି। ଶ୍ରୀମତୀ ଆଚାର୍ଯ୍ୟଙ୍କ ଏହି ମନୋନୟନକୁ ଆଇନଜୀବୀ ସୁରେଶ ଚନ୍ଦ୍ର ଦାସ, ସଂଗ୍ରାମ ମନ୍ତ୍ରୀ, ଅନ୍ତର୍ଯ୍ୟାମୀ ପଟ୍ଟନାୟକ, ସାରଳା ଗବେଷକ ରମାକାନ୍ତ ରାଉଳ, ସାରଦା ପ୍ରସନ୍ନ ଦାସ, ଶ୍ରମିକ ନେତା ପ୍ରକାଶ ତ୍ରିପାଠୀ, ଜଟାଧାରୀ ଷ୍ଟିଲର ସତ୍ୱାଧିକାରୀ ରଞ୍ଜନ କୁମାର ପ୍ରଧାନ, ପାରାଦୀପ ର କାର୍ଯ୍ୟରତ ସାମ୍ବାଦିକ ଏବଂ ବ୍ୟାସ ଫାଉଣ୍ଡେସନର ସମସ୍ତ କର୍ମକର୍ତ୍ତା ମାନେ ସ୍ୱାଗତ କରିବା ସହ ତାଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

# ଆତଙ୍କବାଦ ସୃଷ୍ଟି ଓ ସହାୟତା ଘୋର ଉଦବେଗଜନକ



ଭୁବନେଶ୍ୱର,(ପି.ଏନ) : ଭାରତ ଓ ଅନ୍ୟ ରାଷ୍ଟ୍ର ମାନେ ଆତଙ୍କବାଦୀ ଙ୍କ ପ୍ରତି କୋମଳ ମନୋଭାବ ପରିହାର କରି ସେମାନଙ୍କୁ ଦୃଢ଼ ହସ୍ତରେ ଦମନ କରିବା ପାଇଁ ବିଶ୍ୱ ର ବିଭିନ୍ନ କୋଣରୁ ଦାବି ହୋଇଛି । ଆତଙ୍କ ବକ୍ଷଦ ସୃଷ୍ଟି ଓ ଏଥିପାଇଁ ସହାୟତା ଘୋର ଉଦବେଗଜନକ ବୋଲି ମେଜର ଜେନେରାଲ ଅତନୁ ପଟ୍ଟନାୟକ ଏକ ମିଳିତ ଆଭକ୍ଷଶୀ ଆଲୋଚନାରେ ପ୍ରକାଶ କରି ଏଥିପାଇଁ ମୋଦୀଙ୍କ ଦୃଢ଼ ପଦକ୍ଷେପ ସ୍ୱାଗତ ଯୋଗ୍ୟ ବୋଲି କହିଥିଲେ । ଦିଲ୍ଲୀ ଉତ୍କଳ ଅସ୍ମିତା, ରାଷ୍ଟ୍ରୀୟ ହିନ୍ଦୁ ବୋର୍ଡ ଓ ଥିଙ୍କର୍ସ କ୍ଲବ ର ୧୧୯ ତମ ମିଳିତ ଆଭ।ଶୀ ଆଲୋଚନା ବରଦା ଦାସ ଙ୍କ ସଂଯୋଜନାରେ ଅନୁଷ୍ଠିତ ହୋଇଯାଇଛି । ଆତଙ୍କ ବକ୍ଷଦ ର ଇତିହାସ, ବିଶ୍ୱ ର ବିଭିନ୍ନ ଘଟଣାବଳୀକୁ ମେଜର ଜେନେରାଲ ଶ୍ରୀଯୁକ୍ତ ପଟ୍ଟନାୟକ ନିଜର ବହୁ ଅଭିଜ୍ଞତାରୁ ବର୍ଣ୍ଣନା କରିବା ପରେ ଏହାକୁ ସମସ୍ତେ ଘୋର ନିନ୍ଦା କରିଥିଲେ । ଏ ଦିଗରେ ଏକ ସ୍ମାରକ ପତ୍ର ପ୍ରଧାନ ମନ୍ତ୍ରୀ ଓ କେତେକ ଧନୀକ ରାଷ୍ଟ୍ର ଓ ଜାତି ସଙ୍ଘ୍ କୁ ପ୍ରଦାନ ପାଇଁ ନିଷ୍ପତ୍ତି ହୋଇଛି କ୍ଷ ଦିଲ୍ଲୀ ଉତ୍କଳ ଅସ୍ମିତା ର ସଭାପତି ଡାକ୍ତର ଅନିତା ପଣ୍ଡା ସୂଚନା ପ୍ରଦାନ କରି ଥିଲେ । ଲଣ୍ଡନ ରୁ ସୁକାନ୍ତ ମହାନ୍ତି,ରାଇରଙ୍ଗପୁର ରୁ ବିନୋଦ ମହାନ୍ତି, ମୁମ୍ବାଇ ରୁ ଡ଼ ଦେବାଶିଷ ପଣ୍ଡା,କଲିକତାରୁ କୁମାରୀ ଯୋଗମାୟା,ପଣ୍ଡିଚେରୀ ରୁ ମଧୁସୂଦନ ମହାପାତ୍ର, ଆମେରିକାରୁ ଅକ୍ଷୟ ମହାନ୍ତି,ବାହାରିନ ରୁ ସୁବାସ ସାହୁ,ଭଦ୍ରଖ ରୁ ଡ଼ ନନ୍ଦ ନନ୍ଦନ ଦାସ,ଭୁବନେଶ୍ୱର ରୁ ନମାଇ ସ୍ୱାଇଁ,ସମ୍ବଲପୁର ରୁ ସାମ୍ବାଦିକ ସୁବାସ ପାଣିଗ୍ରାହୀ, କଟକ ରୁ କ୍ୟାପଟେନ ସ୍ୱପନ ମିଶ୍ର ପ୍ରଫେସର ଉମାଶଙ୍କର ମିଶ୍ର ,ରାଉରକେଲା ରୁ କୁଶ ଚନ୍ଦ୍ର ସାହୁ,ବେଙ୍ଗାଲୁରୁ ରୁ ବିଭୁ ଦତ୍ତ ମହାନ୍ତି ଆଦି ବିଶିଷ୍ଟ ବ୍ୟକ୍ତି ମାନେ ଆଲୋଚନା ରେ ଯୋଗ ଦେଇ ୩୦ ଧାରା କୁ ପରିବର୍ତ୍ତନ କରିବା ଓ ୩୪୦୦୦ ରୁ ଅଧିକ ଇସଲାମ ମଦ୍ର।ସା ଶିକ୍ଷାନୁଷ୍ଠାନ ରେ ପାଠ୍ୟକ୍ରମ ଢାଞ୍ଚା ରେ ପରିବର୍ତ୍ତନ ପାଇଁ ମତ ପ୍ରକାଶ କରିଥିଲେ । ଡ ନିବେଦିତା ଗିରି ଆତଙ୍କ ବକ୍ଷଦ ର ମୂଳ ଉତ୍ପାଟନ ପାଇଁ ପ୍ରସ୍ତାବ ଦେଇ ଧନ୍ୟବାଦ୍ ଅର୍ପଣ କରିଥିଲେ କ୍ଷ ଆସନ୍ତା ୧୮ ରବିବାର ଆଧୁନିକ ଓଡ଼ିଶାର ନବ ନିର୍ମାତା ଡ଼ ହରେକୃଷ୍ଣ ମହତାବ ଙ୍କ ଅବଦକ୍ଷନ ବିଷୟରେ ଆଲୋଚନାରେ ସମସ୍ତେ ଯୋଗଦେବାକୁ ବରଦା ଦାସ ନିବେଦନ ଜଣାଇଥିଲେ କ୍ଷ ଆଗ୍ରହୀ ଲୋକେ ୟୁ ଟ୍ୟୁବ୍ ରେ ଏହି ଶିକ୍ଷଣୀୟ ଆଲୋଚନତିକୁ ଶୁଣି ପାରିବେ ।

ADMISSION OPEN
MAHARISHI PLAY SCHOOL
A Great Place to Grow @ mps
PLAY GROUP (2+)
NURSERY (3+)
LKG, UKG, STD-I TO V
25% reservation as per RTE Act (2009)
FIND THE DIFFERENCE
●Surveillance through CCTV Camera ●Small Classes ●Congenial Environment ●Intimate, Safe & Secured Place ●Experienced & loving teachers ●Individual attention to each child ●Spacious Playground ●AC Activity Room ●Transport Facilities



TUITION CLASSES
for Std I to Std V
Timing: 5 PM to 6.30 PM
MAHARISHI PUBLIC SCHOOL
N4-F/24, IRC Village, Nayapalli, Bhubaneswar, Phone: 0674-2558884,2550786
E-mail: maharishipublic13@gmail.com
25% Seats reserved in Std. 1 under RTE Act

Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-7510 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-7515, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com
ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray